### ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ନିର୍ବାଚନ ସମ୍ପର୍କିତ ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

# ମତଦାନ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ଆହ୍ୱାନ




- ପ୍ରତି ବୁଥ୍‌ରେ ବ୍ୟାପକ ପ୍ରସ୍ତୁତି
- ଅବାଧ ଓ ମୁକ୍ତ ନିର୍ବାଚନକୁ ଗୁରୁତ୍ୱ
- ସୀମା ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ
- ଗରମରୁ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ନିର୍ବାଚନ କମିଶନଙ୍କ ଗୁରୁତ୍ୱ

**ବ୍ରହ୍ମପୁର/ଛତ୍ରପୁର,୧୨।୪(ସମିସ):** ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ନିର୍ବାଚନ ସମ୍ପର୍କିତ ପ୍ରସ୍ତୁତି ଓ ଆଇନ ଶୃଙ୍ଖଳା ପରିସ୍ଥିତିର କିଭଳି ସୁରକ୍ଷା ବ୍ୟବସ୍ଥା କରାଯାଇଛି ସେ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସମୀକ୍ଷା କରିଛନ୍ତି। ଏଥିସହିତ ସାମ୍ବାଦିକମାନଙ୍କ ସହିତ ଆଲୋଚନା କରି ବିଭିନ୍ନ ତଥ୍ୟ ପ୍ରଦାନ କରିଛନ୍ତି। ମତଦାନ କରି ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବାକୁ ସେ ମତଦାତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଚାରି ଗୋଟି ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ଓ ଆଇନ୍ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା ସମୟରେ ସମସ୍ତ ବ୍ୟବସ୍ଥା ପ୍ରସ୍ତୁତ ହୋଇଥିବା ଜଣାଇ ଚଳିତ ବର୍ଷର ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାର ସହିତ ଅବାଧ ଓ ମୁକ୍ତ ନିର୍ବାଚନ ହୋଇପାରିବ ସେଥି ନିମନ୍ତେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ତଥା ନିର୍ବାଚନ ପରଚାଳନା ଅଧିକାରୀ ମାନଙ୍କୁ ପ୍ରସ୍ତୁତ ହୋବାକୁ ଅବଗତ କରାଇଥିଲେ। ଚଳିତ ବର୍ଷ ମେ ମାସରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ସମୟରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗରମ ପବନ, ବାତ୍ୟା ଭଳି ବିପଦ ଆସିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ଅବଗତ କରାଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନିତ କୌଣସି କ୍ଷୟକ୍ଷତି ହେବ ନାହିଁ, ଜନଜୀବନ ସୁରକ୍ଷିତ ରହିବ ସେଥି ନିମନ୍ତେ ପୂର୍ବ ପ୍ରସ୍ତୁତି ସହ ଅଧିକ ସଚେତନତା କରିବାକୁ ପ୍ରବର୍ତ୍ତାଇଥିଲେ। ବିଶେଷ କରି ଭୋଟର, ପୁଲିସ, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ନିର୍ବାଚନ ଅଧିକାରୀ, କର୍ମଚାରୀ ସମସ୍ତଙ୍କ ସୁରକ୍ଷାକୁ ପ୍ରାଥମିକତା ଭିତ୍ତିରେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖାଦ୍ୟ, ପାନୀୟଜଳ, ବିଶ୍ରାମ ଦେବା ଦିଗରେ ଯତ୍ନବାନ ହେବାପାଇଁ କହିଥିଲେ। ଏହି ସଚେତନତା ବିଷୟରେ ନିର୍ବାଚନ ଅଧିକାରୀ ମାନଙ୍କ ପ୍ରଶିକ୍ଷଣ ସମୟରେ ଏହି ଦିଗରେ ସଚେତନ ରହିବାକୁ ନିର୍ଦ୍ଦେଶ ଦେବାକୁ ପ୍ରବର୍ତ୍ତାଇଥିଲେ। ଭୋଟ ଗ୍ରହଣ ଦିନ ସେକ୍ଟର ଅଫିସର ମାନେ ଯେତେବେଳେ ଇଭିଏମ୍ ମେସିନ୍ ନେଇ ଭୋଟ ଗ୍ରହଣ କେନ୍ଦ୍ରକୁ ଯିବେ ସେମାନଙ୍କ ସହିତ ଜଣେ ଲେଖାଏଁ ଆର୍ମଡ୍ ପୁଲିସ୍ ଏବଂ ପାରାମେଡିକାଲ ଷ୍ଟାଫ୍ ନିଜ ସହିତ ସମସ୍ତ ଔଷଧ, ଓ.ଆର୍.ଏସ୍. ପ୍ୟାକେଟ ନେଇଯିବେ। ୮୦ବର୍ଷ ଏବଂ ତଦୁଦ୍ଧ୍ୱର୍ ଭୋଟର, ଭିନ୍ନକ୍ଷମ ଭୋଟର ଯେଉଁମାନେ ଭୋଟ ଗ୍ରହଣ କେନ୍ଦ୍ରକୁ ନଯାଇ ଭୋଟଦେବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ନିର୍ଦ୍ଧାରୀତ ଫର୍ମ ୧୨ (ଖ) ପୂରଣ କରି ବି.ଏଲ୍.ଓ. ଙ୍କୁ ଦେଲେ ସେମାନଙ୍କର ଗୃହକୁ ଯାଇ ଭୋଟ ସଂଗ୍ରହ କରାଯିବାର ବ୍ୟବସ୍ଥା କରାଯିବ ବୋଲି ସେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଚଳିତବର୍ଷ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ଦିନ ଏହିଭଳି ବ୍ୟକ୍ତି ବିଶେଷଙ୍କୁ ଭୋଟ ଗ୍ରହଣ କେନ୍ଦ୍ରକୁ ଭୋଟ ଦେବା ନିମନ୍ତେ ସରକାରୀ ସୁବିଧାରେ ଯାନ ବାହାନରେ ନେବା ଆଣିବା କରାଯିବ। ଯେଉଁ ପୋଲିଂ ଅଧିକାରୀ, ପୁଲିସ୍ ଅଧିକାରୀ, ଡ୍ରାଇଭର ମାନେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେମାନେ ପୋଷ୍ଟାଲ ବ୍ୟାଲଟ୍ ମାଧ୍ୟମରେ ଭୋଟ ଦେଇପାରିବେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓ.ଆର୍.ଏସ୍. ପ୍ୟାକେଟ, ପ୍ରଚୁର ପାନୀୟ ଜଳର ବ୍ୟବସ୍ଥା ପ୍ରତି ବୁଥରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ଅବଗତ କରାଇଥିଲେ ଯେ, ଗଣମାଧ୍ୟମ ହେଉଛି ନିର୍ବାଚନ ପ୍ରଶାସନର ଆଖି ଆଉ କାନ। ଯେଉଁଠି ଯାହା ଘଗୁଛି ତାହାର ପ୍ରକୃତ ତଥ୍ୟ ପ୍ରକାଶ କରିବା ପାଇଁ ଜଣାଇଥିଲେ। ଭୋଟରଗଣ ଯେଭଳି ଭୟ ଓ ପ୍ରଲୋଭନଠାରୁ ଦୂରରେ ରହି ଅଧିକ ସଂଖ୍ୟାରେ ଭୋଟର ଭୋଟ ଦେବାକୁ ଯିବେ ସେଥି ନିମନ୍ତେ ସଚେତନ କରାଇବାକୁ ଗଣମାଧ୍ୟମକୁ ଅନୁରୋଧ କରିଥିଲେ। ଭୋଟଦାତା ଗଣ ବହୁଳ ମାତ୍ରାରେ ଭୋଟ ଦିଅନ୍ତୁ ଓ ଗଣତନ୍ତ୍ରକୁ ବଞ୍ଚାଇ ରଖନ୍ତୁ ବୋଲି ଆହ୍ୱାନ ଦେଇଥିଲେ। କୌଣସିଠାରେ ନିର୍ବାଚନ ସମ୍ପର୍କିତ ଅପ୍ରିତିକର ପରିସ୍ଥିତି କିମ୍ବା ମଡେଲ କୋଡ ଅଫ୍ କଣ୍ଡକ୍ଟ ନିୟମ ଉଲଂଘନ ହେଉଥିଲେ ଇ-ଭିଜିଲ ଆପ୍ ମାଧ୍ୟମରେ କିମ୍ବା ୧୯୫୦ ହେଲ୍ପ ଲାଇନ୍ ରେ ନିଃଶୁଳ୍କ ଫୋନ୍ କରି ଅଭିଯୋଗ ଦାଖଲ କରିପାରିବେ। ଅଭିଯୋଗକାରୀଙ୍କ ନାମ ଓ ତାଙ୍କ ସମ୍ପର୍କରେ ସୂଚନା ଗୋପନ ରଖାଯାଇ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିବିଶେଷଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସେହିଭଳି ଓଡ଼ିଶା ଆନ୍ଧ୍ର ସୀମା ସୁରକ୍ଷା ଓ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ନିର୍ବାଚନୀ ହିଂସା ରୋକିବାରେ ପୁଲିସ ପ୍ରଶାସନ ବିଶେଷ ଯତ୍ନାବନ ଥିବା ସେ କହିଥିଲେ। ଅନ୍ୟପକ୍ଷରେ ସମୀକ୍ଷା ବୈଠକରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀ, ସେମାନଙ୍କ ପ୍ରଶିକ୍ଷଣ, ଇଭଇଏମ୍ ପରିଚାଳନା, ଡିସ୍ପୋଜାଲ ସେଣ୍ଟର, ରିସିଭିଂ ସେଣ୍ଟର, ଭୋଟ ଗ୍ରହଣ କେନ୍ଦ୍ରର ସ୍ଥିତି, ଷ୍ଟ୍ରଙ୍ଗ ରୁମ୍ ବ୍ୟବସ୍ଥା, ଆଇନ ଶୃଙ୍ଖଳା ପରିସ୍ଥିତି ଇତ୍ୟାଦି ସମସ୍ତ ବିଷୟରେ ସମୀକ୍ଷା କରାଯାଇଥିଲା। ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ ଅନ୍. ତିରୁମାଲା ନାୟକ, ଦକ୍ଷିଣାଞ୍ଚଳ ଆଇ. ଜି. ଅଫ୍ ପୁଲିସ ଜୟ ନାରାୟଣ ପଙ୍କଜ, ଡି.ଆଇ.ଜି. ଅଫ୍ ପୁଲିସ୍ ତଥା ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ. ସାର୍ଥକ ଷଡଙ୍ଗୀ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ବୌଦ୍ଧ ଜିଲ୍ଲାପାଳ ଜେ. ସୋନାଲ, କନ୍ଧମାଳ ଜିଲ୍ଲାପାଳ ଆଶିଷ୍ ଇଶ୍ୱର ପାଟିଲ, ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗ ମୋହନ ମୀନା ଏବଂ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ବୌଦ୍ଧ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ସମସ୍ତ ଜିଲ୍ଲାର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଭାସୀ ମାଧ୍ୟମରେ ଡୁଡା ପିଡିଙ୍କ ସମୀକ୍ଷା



**ଛତ୍ରପୁର,୧୨।୪(ସମିସ):** ଗଞ୍ଜାମ ଜିଲ୍ଲାର ସହରାଞ୍ଚଳ ଗୁଡିକରେ ଚାଲିଥିବା କାର୍ଯ୍ୟ ଗୁଡିକର ଆଭାସୀ ମାଧ୍ୟମରେ ଶୁକ୍ରବାର ସମୀକ୍ଷା କରିଛନ୍ତି ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଟେଲ। ସହରାଞ୍ଚଳ ଗୁଡିକରେ ବକେୟା ରହିଥିବା କାର୍ଯ୍ୟ ଗୁଡିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ନିମନ୍ତେ ଡୁଡା ପିଡି ଶ୍ରୀ ପଟେଲ ସମସ୍ତ ଇଓ ମାନଙ୍କୁ କହିବା ସହିତ ଲକ୍ଷ୍ୟଧାର୍ଯ୍ୟ ଅନୁସାରେ ରାଜସ୍ୱ ଆଦାୟ ଉପରେ ଗୁରତ୍ୱ ଦେବା ନିମନ୍ତେ କହିଥିଲେ । ଏହାସହିତ ମୁକ୍ତା, ଅମୃତ ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାର ଚାଲିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ମଧ ସମୀକ୍ଷା ହୋଇଥିଲା। ଏଥିରେ ସମସ୍ତ ଇଓ ଏବଂ ଡୁଡା କାର୍ଯ୍ୟାଳୟ କର୍ମଚାରୀ ମାନେ ଯୋଡି ହୋଇଥିଲେ।

## ଶେରଗଡ଼ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



**ଶେରଗଡ଼,୧୨।୪(ସମିସ):** ଆସନ୍ତା ମେ ୨୦ରେ ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ସମୟରେ ମତଦାତାମାନେ ଯେପରି ଭୟଭୀତ ନହୋଇ ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ ତାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ଶେରଗଡ଼ ପୁଲିସ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଶେରଗଡ ଥାନାଧିକାରୀ ବୀରେନ୍ଦ୍ର ସିଅଳଙ୍କ ନେତୃତ୍ୱ ଏବଂ ଶେରଗଡ ଥାନା ଏସଆଇ ସତ୍ୟଜିତ ବେଣିଆଙ୍କ ତତ୍ତ୍ୱାବଧାନରେ କୋଟିନଡା ଥାନାଧିକାରୀ ଯୋଗଦେଇ ଶୁକ୍ରବାର ସକାଳ ୧୦ ଘ ସମୟରେ ଶେରଗଡ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ପ୍ରଥମେ ଶେରଗଡ ସହରର ବିଭିନ୍ନ ୱାର୍ଡ, ପରେ କୁମାରପାଣି ପଞ୍ଚାୟତ, ଧନନ୍ତର, ଗୋବିନ୍ଦପୁର ଏବଂ ଗୋଠଗାଁରେ ଥିବା ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯିବା ସହ ଯାନବାହନ ଯାଞ୍ଚକୁ କଡାକଡି କରାଯାଇଛି। ପେଶାଦାର ଅପରାଧୀ ଏବଂ ଜେଲ ଫେରନ୍ତାଙ୍କ ଗତିବିଧି ଓ ଅସାମାଜିକ କାର୍ଯ୍ୟକଳାପ ଉପରେ ପୋଲିସ ତୀକ୍ଷଣ ନଜର ରଖିଛି। ଏହି ଫ୍ଲାଗମାର୍ଚ୍ଚ ସମୟରେ ଶେରଗଡ ଥାନାର ଏସଆଇ ସରଳତା ପ୍ରଧାନ, ଏଏସଆଇ କୃଷ୍ଣଚନ୍ଦ୍ର ଦାସ, ଏଏସଆଇ କିଶୋର ଚନ୍ଦ୍ର ପାଳ, ଏଏସଆଇ ସମୀର କୁମାର ସୁନାଙ୍କ ସହ ଏକ ପ୍ଲାଟୁନ ଫୋର୍ସ ଅଂଶଗ୍ରହଣ କରିଥିଲେ।

## ଖବର ପ୍ରକାଶ ପରେ ଗଛ କାଟିଲା ପ୍ରଶାସନ

**ଧରାକୋଟ,୧୨।୪(ସମିସ):** ଧରାକୋଟ ଥାନା ଛକ ଠାରୁ ତାଳପାଟଣା ରାସ୍ତା ପାଶ୍ୱର୍ରେ ବିପଦପୂର୍ଣ୍ଣ ଭାବେ ଏକ ବିରାଟ ଶୁଖିଲା ଗଛ ରହିଥିଲା । ଏ ସମ୍ପର୍କରେ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ଧରାକୋଟର ଜଣେ ସମାଜସେବୀ ଯୁବକ ବନବାସ ସ୍ୱାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ସୂଚନା ପ୍ରଦାନ ପରେ ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଥିଲେ। ଉଭୟ ବିଭାଗର ପଦାଧିକାରୀଙ୍କ ସହଯୋଗରେ ଗଛକୁ କଟାଯାଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଋଷିକୁଲ୍ୟା ନଦୀର ଉତ୍ତର ପାଶ୍ୱର୍ରେ ଥିବା ୫ଟି ପଞ୍ଚାୟତ ସହ ଭଞ୍ଜନଗରକୁ ଯାତାୟାତ କରିଥାନ୍ତି। ଅନ୍ୟ ପକ୍ଷରେ ଲୋକେ ପ୍ରତିଦିନ ବ୍ଲକ ,ତହସିଲ, ଥାନା, ବ୍ୟାଙ୍କ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଆସିଥାନ୍ତି। ବର୍ତ୍ତମାନ ଶୁଖିଲା ଗଛ ହଟାଇବା ପାଇଁ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ କରି କାର୍ଯ୍ୟକାରୀ ହୋଇଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।



### ଅମୃତଭଣ୍ଡା ଚାଷ ନାଁରେ ଠକେଇ

## ୯୩ ହଜାର ଟଙ୍କା ଠକି ନେଲା ଏନ୍‌ଜିଓ

**ହୁମ୍ମା,୧୨।୪(ସମିସ):** ରମ୍ଭା ଥାନା ଇଲାକା ପାଲୁର ଗଜପତି ନଗରର ଏକ ଜୈନିକ ବ୍ୟକ୍ତିଙ୍କ ଠାରୁ ଅମୃତଭଣ୍ଡା ଚାଷ ନାଁରେ ନକଲି ଏନଜିଓ ୯୩ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଠକାମୀର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ଗଜପତିନଗରର ଜୟଚନ୍ଦ୍ର ବେହେରା(୪୧)। ଗତ କିଛି ଦିନ ପୂର୍ବରୁ ଜୟଚନ୍ଦ୍ରଙ୍କ ପାଖକୁ ତିନି ଜଣ ବ୍ୟକ୍ତି ଅମୃତଭଣ୍ଡା ଚାଷ ନାଁରେ ଲୋନ କରାଇଦେବା କହି ସମସ୍ତ ତଥ୍ୟ ନେଇଥିଲେ। ସେହି ତିନି ବ୍ୟକ୍ତି ନିଜକୁ ପଶ୍ଚିମବଙ୍ଗ ରାଜ୍ୟର କୋଲକାତା ସେଣ୍ଟ୍ରାଲ ଡିଭିଜନର ଆଦିତ୍ୟ ବାଇଓ ପାପାୟା କମ୍ପାନୀର ଏନଜିଓ ସଂସ୍ଥା ବୋଲି ପରିଚୟ ଦେଇଥିଲେ। ଖଲ୍ଲିକୋଟରେ ଏହି କମ୍ପାନୀର ଏକ ଶାଖା ଥିବା ଜୟଚନ୍ଦ୍ରଙ୍କୁ କହିଥିଲେ। ଏହି ନକଲି କମ୍ପାନୀର ତିନି ଅଭିଯୁକ୍ତ ହେଲେ ବେହେରା ବାବୁ, ଏହି କମ୍ପାନୀର କେସିଅର ସୁଶାନ୍ତ ସେଠି, ଘରୋଇ ବ୍ୟାଙ୍କର କର୍ମଚାରୀ ହାପି ସେଠୀ। ଅମୃତଭଣ୍ଡା ଚାଷ ପାଇଁ ଏହି କମ୍ପାନୀ ପକ୍ଷରୁ ଟ୍ରାକ୍ଟର ବି ଯୋଗାଇ ଦିଆଯିବ ବୋଲି ମଧ୍ୟ କହିଥିଲେ। ଟ୍ରାକ୍ଟର ଇନ୍ସୁରାନ୍ସ ପାଇଁ ଏକ ଲକ୍ଷ ୨୦ ହଜାର ଟଙ୍କା ମାଗିଥିଲେ। କିନ୍ତୁ ଜୟଚନ୍ଦ୍ର ଚାରି କିସ୍ତିରେ ମୋଟ ୯୩ ହଜାର ଟଙ୍କା ଫୋନପେ ମାଧ୍ୟମରେ ଦେଇଥିଲେ। ଟଙ୍କା ନେବା ପରେ ଅଭିଯୁକ୍ତମାନେ ନିଜ ମୋବାଇଲଗୁଡିକୁ ସୁଇଚ ଅଫ କରି ଦେଇଥିବା ଅଭିଯୋଗକାରୀ କହିଛନ୍ତି। ସନ୍ଦେହ ହେବା ପରେ ଖଲ୍ଲିକୋଟ ଯାଇ ସେହି କମ୍ପାନୀର ବ୍ରାଞ୍ଚକୁ ଖୋଜିଥିଲେ। କିନ୍ତୁ ଅଭିଯୋଗକାରୀ ଜଣଙ୍କ ଖୋଜି ପାଇ ନଥିଲେ। ଜୟଚନ୍ଦ୍ର ରମ୍ଭା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ରମ୍ଭା ପୁଲିସ କେସନଂ:୨୪୬/୨୪ ମାମଲା ରୁଜ୍ଜୁ କରିଥିବା ବେଳେ ଏସଆଇ ଆର.କେ ପ୍ରଧାନ ତଦନ୍ତ ଜାରି ରଖିଛନ୍ତି।

## କ୍ଲକ୍ ଟାୱାରର କ୍ଲକ୍ ସଜାଡ଼ିବାକୁ ଦାବି



**ବୁଗୁଡା,୧୨।୪(ସମିସ):** ବୁଗୁଡା ସହରର ମଦନ ମୋହନ ଛକରେ ଶୋଭା ପାଉଥିବା କ୍ଲକ୍ ଟାୱାରରେ ଲାଗିଥିବା ଚାରୋଟିଯାକ କ୍ଲକ୍ ଦୀର୍ଘ ଦିନ ହେଲା ଖରାପ ହୋଇପଡିଥିଲାବେଳେ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗତ ଫେବୃୟାରୀ ୨ ତାରିଖରେ ମଦନ ମୋହନ ଛକରେ ସ୍ଥାପିତ ଉକ୍ତ କ୍ଲକ ଟାୱାରଟି ଉଦଘାଟିତ ହୋଇଥିଲାବେଳେ ସାଧାରଣରେ ଖୁସିବ୍ୟକ୍ତ କରାଯାଇଥିଲା। କିନ୍ତୁ, ୨ ଦିନ ପରେ ଟାୱାରରେ ଲାଗିଥିବା ଘଡି ଚାରୋଟି ସଠିକ୍ ଭାବେ କାମ ନକରିବାରୁ ଲୋକଙ୍କ ଖୁସିରେ ଭଟ୍ଟା ପଡିଥିଲା। ଘଡି ଚାରୋଟି ଭୁଲ ସମୟ ଦର୍ଶାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ଅଭିଯୋଗ କଲେ ମଧ୍ୟ ଏନ୍ଏସି କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ଯୋଗୁଁ କୌଣସି ସୁଫଳ ମିଳୁନାହିଁ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ଟାୱାରରେ ଅକାମୀ ଘଡି ଚାରୋଟି ଖଞ୍ଜି ଦେଇ ଠିକାଦାର ଛୁ ମାରିଥିବାବେଳେ ଲୋକେ ବନ୍ଦ ଘଡିକୁ ଚାହିଁ ଅଶୁଭ ମନେ କରୁଛନ୍ତି। ପ୍ରବଳ ଜନ ଅସନ୍ତୋଷ ସାଙ୍ଗକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେଉଁ ରହସ୍ୟମୟ କାରଣରୁ ଘଡି ଚାରୋଟିକୁ ସଜଡା ଯାଇପାରୁନାହିଁ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏନ୍ଏସି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ପୂର୍ବତନ ବିଧାୟକଙ୍କ ମାତୃ ବିୟୋଗ



**ଛତ୍ରପୁର,୧୨।୪(ସମିସ):** ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ମାତା ହରପ୍ରିୟା ଚୌଧୁରୀ(୯୪)ଙ୍କ ପରଲୋକ ଘଟିଛି। ସ୍ୱଗତା ଚୌଧୁରୀ ଅନସ୍ଲୋ ହାଇସ୍କୁଲର ପ୍ରଥମ ବାଳିକା ଛାତ୍ରୀ ଥିଲେ। ସେ ଛତ୍ରପୁର ସମବାୟ ବ୍ୟାଙ୍କର ଦୁଇଥର ନିର୍ଦ୍ଦେଶିକା ଓ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶିକା ଥିଲେ। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଅଶୋକ, ଅଶ୍ୱିନୀ ଓ ଅମୀୟ ତଥା ବୋହୂ କଲ୍ୟାଣୀ ଓ ସୁଚିତ୍ରା ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ




**ଭଞ୍ଜନଗର,୧୨।୪(ସମିସ):** ଭଞ୍ଜନଗର ବ୍ଲକ ମୁଜାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସପ୍ତମ ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ସହଗୋଷ୍ଠୀ ଶିକ୍ଷାଧିକାରୀ ସୂର୍ଯ୍ୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ ବଡ କୋଦଣ୍ଡା ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା ଏହାକୁ ଉଦଘାଟନ କରିଥିବାବେଳେ ସମ୍ବଳ ଶିକ୍ଷକ ଭାବେ ବାହାଡାପଦର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସିଦ୍ଧକ୍ଷର୍ଥ ଶଙ୍କର ସ୍ୱାଇଁ, ଗାଲେରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଦିତ୍ୟ ପ୍ରସାଦ ତ୍ରିପାଠୀ ଯୋଗଦେଇ ପରୀକ୍ଷା ପରବର୍ତ୍ତୀ ଛାତ୍ରଛାତ୍ରୀଙ୍କ ନାମ ଲେଖା, ପାଠ୍ୟଦାନ, ବୁକ ବ୍ୟାଙ୍କ, ହାଉସ ସିଷ୍ଟମର ଭୂମିକା, ଅନଲାଇନ କ୍ଲାସ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ସନ୍ଦେହ ଜନକ ପ୍ରଶ୍ନର ଉତ୍ତର ସହଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ନାୟକ ପ୍ରଦାନ କରିଥିଲେ। ଉଚ୍ଚ ବିଦ୍ୟାଳୟ ଅଧକ୍ଷା ବୈଜନ୍ତିମାଳା ପ୍ରିୟଦର୍ଶନୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୟୁବି ହାଇସ୍କୁଲ ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ ଗତ ବୈଠକର ବିବରଣୀ ପାଠ କରିଥିଲେ। ଏହି ଅବସରରେ ବଡକୋଦଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀରେ ଭଞ୍ଜନଗର ବ୍ଲକର ସମସ୍ତ ୨୭ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ। ଅଧକ୍ଷା ବୈଜନ୍ତିମାଳା ପ୍ରିୟଦର୍ଶନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର



**କୋଦଳା,୧୨।୪(ସମିସ):** ଶୁକ୍ରବାର କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ଆତ୍ମରକ୍ଷା ତାଲିକ ଶିବିର ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏସ ସୂର୍ଯ୍ୟ ନାରାୟଣ ଦୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କାର୍ଯ୍ୟକ୍ରମ ଅଧିକାରିଣୀ ତଥା ଅଧ୍ୟାପିକା ରଞ୍ଜୁବାଳା ନନ୍ଦ ଆଲୋକପାତ କରିଥିଲେ। ଅଧକ୍ଷ ରଘୁନାଥ ମୁଦୁଲି ସଭାପତିତ୍ୱ କରିଥିଲେ। ସଂଯୋଜକ ଡଃ ବିଷ୍ଣୁ ନାରାୟଣ ସେଠୀ କାର୍ଯ୍ୟକ୍ରମର ଆରମ୍ଭ, ଭାରତ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷିକା ଭାରତୀ ଗୌଡ଼ କାର୍ଯ୍ୟକ୍ରମ ଉପରେ ଧାରଣା ଦେଇଥିଲେ। ଅଧ୍ୟାପକ ସପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଚାରର ମାଧ୍ୟମ ପାଲଟିଛି ସାମାଜିକ ଗଣମାଧ୍ୟମ




**ଶେରଗଡ଼,୧୨।୪(ସମିସ):** ପାଖେଇ ଆସୁଛି ସାଧାରଣ ନିର୍ବାଚନ। ସେଥିଲାଗି ଦଳ ମୁଖିଆଙ୍କ ଠାରୁ ନେତା, କର୍ମୀ ସମସ୍ତେ ଉତ୍ସାହିତ। ବିଭିନ୍ନ ସ୍ଥାନରେ ସଭା, ସମ୍ମିଳନୀ, ସମାବେଶର ଆୟୋଜନ କରାଯାଇ ଦଳର ଆଭିମୁଖ୍ୟ ତଥା ନୀତି ଆଦର୍ଶ କଥା ନେତାଏ ବୁଝାଇବାରେ ଲାଗିଛନ୍ତି। ତେବେ ଏହାରି ଭିତରେ ନେତାଙ୍କ ପ୍ରଚାରର ତରିକା ବଦଳିଛି। ହାଇଟେକ ଯୁଗରେ ନେତାଙ୍କ ପ୍ରଚାର, ପ୍ରସାର ବିଭିନ୍ନ ମାଧ୍ୟମରେ କରାଯାଉଛି। କେଉଁଠି ନେତା ଓ ଦଳ ଗୁଡିକ ସପକ୍ଷରେ ଗୀତ ରେକର୍ଡ କରାଯାଉଛି ତ ଆଉ କେଉଁଠି ପ୍ରତ୍ୟେକ୍ଷ ଭାବରେ ଲୋକଙ୍କୁ ପ୍ରାର୍ଥୀଙ୍କ ବିଷୟରେ ନେତା ଓ କର୍ମୀ କହିବା ଆରମ୍ଭ କରିଦେଇଛନ୍ତି। ଅତୀତରେ ହାଇଟେକ ବସ ଯୋଗେ ପ୍ରଚାର, ବିଭିନ୍ନ ଆକର୍ଷଣୀୟ ତୋରଣ ଓ ଫ୍ଲେକ୍ସ ଜରିଆରେ ପ୍ରଚାର କରାଯାଉଥିଲା। କିନ୍ତୁ ଏବେ ମୋବାଇଲ ପ୍ରଚାରର ମୁଖ୍ୟ ମାଧ୍ୟମ ପାଲଟିଛି। ଦଳୀୟ ପତାକା ଚିହ୍ନିତ ଫ୍ଲେକ୍ସରେ ନିଜର ଆଭିମୁଖ୍ୟ ତଥା ନାମ ପ୍ରଭୃତି ଉଲ୍ଲେଖ କରି ପ୍ରାର୍ଥୀ ପ୍ରଚାର କରୁଥିବାବେଳେ ସେଥିରେ ଏକ ବିରାଟ ପରିବର୍ତ୍ତନ ଆଣିଛି ସୋସିଆଲ ମିଡିଆ। ନେତା କର୍ମୀଙ୍କ ସମାବେଶକୁ ୟୁଟ୍ୟୁବ ଓ କିଛି ପ୍ରମୁଖ ଗଣମାଧ୍ୟମରେ ପ୍ରଦର୍ଶିତ କଲାପରେ ବ୍ୟାପକ ଭାବରେ ସୋସିଆଲ ମିଡିଆରେ ବର୍ଣ୍ଣନା ଓ ବ୍ୟାଖ୍ୟା କରୁଥିବା ଦେଖିବାକୁ ମିଳୁଛି। ଏହା ବ୍ୟତୀତ ଦଳରେ ସାମିଲ ହୋଇଥିବା ଯୁବଗୋଷ୍ଠୀଙ୍କ ମାନସିକାତାକୁ ନଜର ରଖି କିଛି ବଲିଉଡ ଓ ଓଡିଉଡ ଗୀତର ଛୁଙ୍କରେ ନିଜର ପ୍ରଚାର କରିବା ବ୍ୟତୀତ ଏହି ନେତାମାନେ ବିଶେଷକରି ସୋସିଆଲ ମିଡିଆରେ ନିୟୁଜ ଆକାରରେ ନିଜର ବିଜ୍ଞାପନ ଦେଉଥିବା ଲକ୍ଷ୍ୟ କରାଯାଇଛି।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ରମ୍ଭା,୧୨।୪(ସମିସ):** ଶୁକ୍ରବାର ଦିନ ୧୬ନଂ ଜାତୀୟ ରାଜପଥ ପାଶ୍ୱର୍ ଜହମି ଓଭରବ୍ରିଜ ରେଲୱେ ଲାଇନ କଡ଼ରେ ଅଜଣା ଯୁବକଙ୍କ ମୃତଦେହ ପଡ଼ିଥିବା ଜଣାପଡିଛି। ଶବ ପାଶ୍ୱର୍ରେ ବୃକ୍ଷଲତା ଆଚ୍ଛାଦିତ ଓ ଅଣ୍ଟା ଠାରୁ ଗୋଡ଼ ପର୍ଯ୍ୟନ୍ତ ଏକ କଳା ଚୁନି ଘୋଡା ହୋଇ ପଡିରହିଥିବା ଜଣାପଡିଛି । ତତ ସହିତ ମୁହଁରେ ପାଉଡର ପେଣ୍ଟିଂ ହୋଇଥିବାରୁ କିନ୍ନର ସହ ଦଣ୍ଡୁଆ ଭକ୍ତ ବୋଲି ସନ୍ଦେହ କରାଯାଉଛି। ମୃତକଙ୍କ ବୟସ ୨୦ରୁ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେମେ ମୃତଦେହରେ କୌଣସି କ୍ଷତ ନଥିବାରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି। ଅପରପକ୍ଷେ ମୃତକଙ୍କ ପରିଚୟ ମିଳିପାରିନାହିଁ।

## ଜୁଆ ଆଡ୍ଡାରେ ଚଢ଼ଉ; ୪ ଗିରଫ

**ସାନଖେମୁଣ୍ଡି,୧୨।୪(ସମିସ):** ପାଟପୁର ପୁଲିସ ଗୁରୁବାର ସନ୍ଧ୍ୟାରେ ଏରେଣ୍ଡ୍ରା ଗ୍ରାମର ଜୁଆ ଆଡ୍ଡାରେ ଚଢ଼ଉ କରି ୭୬୨୦ ଟଙ୍କା ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ପୁଲିସ ଗୁରୁବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଏରେଣ୍ଡ୍ରା ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲା। ଅଭିଯୁକ୍ତ ମାନଙ୍କ ଠାରୁ ଟଙ୍କା ସହ ଗୋଟିଏ ମୋବାଇଲ ଏବଂ ଦୁଇ ମୁଠା ତାସ ଜବତ କରିଥିବା ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ କହିଚଛନ୍ତି।

## ଫସର ଫାଟିଲା ବିରୋଧୀଙ୍କ ଆକଳନ

# ‘ଚ୍ୟାଉ-ସୁବାସ’ଙ୍କ ଦୀର୍ଘ ବର୍ଷର ସମ୍ପର୍କ ଅତୁଟ

ବ୍ରହ୍ମପୁର, ୧୨।୪(ସମିସ)

ଗଞ୍ଜାମ ଜିଲ୍ଲା ରାଜନୀତିରେ ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଓ ବର୍ତ୍ତମାନର ଜିଲ୍ଲା ସଭାପତି ତଥା ସୁବାସ ମହାରଣା ଓ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ସମ୍ପର୍କ କାହାକୁ ଅଛପା ନାହିଁ। ଦୀର୍ଘ ୩ଦଶନ୍ଧିରୁ ଅଧିକ କାଳ ଧରି ଉଭୟେ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ। ବ୍ରହ୍ମପୁର ସହର ସମେତ ଜିଲ୍ଲାର ଯେକୌଣସି ରାଜନୈତିକ ସଭାସମିତି ବା କାର୍ଯ୍ୟକ୍ରମରେ ସାଧାରଣତଃ ଏକାଠି ଦେଖିବାକୁ ମିଳେ। ତେବେ ନିର୍ବାଚନ ପୂର୍ବରୁ ହଠାତ୍ ସୁବାସ ମହାରଣା ଓ ଡାକ୍ତର ଚ୍ୟାଉପଟ୍ଟନାୟକଙ୍କ ସମ୍ପର୍କରେ ଫାଟକୁ ନେଇ ବେଶ ଆଲୋଚନା ହୋଇଥିଲା। ଦୀର୍ଘ ଏକମାସ ଧରି ସୁବାସ ଚ୍ୟାଉବାବୁଙ୍କ ସହ ଆଉ ଦେଖିବାକୁ ମିଳିଲେ ନାହିଁ। ଏପରିକି ଗତ ଏପ୍ରିଲ ପହିଲାରେ ଯେତେବେଳେ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ବ୍ରହ୍ମପୁରର ବିଧାୟକ ପ୍ରାର୍ଥୀ ଭାବେ ଦଳ ଟିକେଟ ଘୋଷଣା କଲା ସେହିଦିନ ମଧ୍ୟ ସୁବାସଙ୍କର ଦେଖା ମିଳିନଥିଲା। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଦୀର୍ଘ ବର୍ଷର ରାଜନୈତିକ କ୍ୟାରିଅର ମଧ୍ୟରେ ସୁବାସ ମହାରଣା କାଉନସିଲର ଠାରୁ ଆରମ୍ଭ କରି ବିଜୁ ଜନତା ଦଳର ଦୀର୍ଘ ୯ବର୍ଷ ଧରି କ୍ରମାଗତ ଭାବେ ଜିଲ୍ଲା ସଭାପତି ଦାୟିତ୍ୱ ତୁଲାଇଥିଲେ। ପରେ ବିଡିଏ ଅଧ୍ୟକ୍ଷ ଓ ତାହାପରେ ରାଜ୍ୟ କାଜୁ ନିଗମର ଅଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି। ଏଣୁ ଦୀର୍ଘବର୍ଷ ଧରି ରାଜନୀତିରେ ସକ୍ରିୟ ଥିବା ସୁବାସ ମହାରଣା ଚଳିତ ନିର୍ବାଚନରେ ବ୍ରହ୍ମପୁରର ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ ଏବଂ ଏଥିପାଇଁ ଆବେଦନ ମଧ୍ୟ କରିଥିଲେ। ଜଣେ ରାଜନୈତିକ ବ୍ୟକ୍ତିଙ୍କ ପାଇଁ ଟିକେଟ ଆଶା କରିବା ସ୍ୱାଭାବିକ ମଧ୍ୟ। ତେବେ କୌଣସି କାରଣରୁ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଉପରେ ଅଭିମାନ କରି ହଠାତ ସୁବାସ ମହାରଣା ଦୂରେଇ ଯାଇଥିଲେ। ଯାହାକୁ ନେଇ ବିଭିନ୍ନ ପ୍ରକାରର ଆଲୋଚନା ମଧ୍ୟ ହୋଇଥିଲା। ବିରୋଧୀ ଏହାର ସୁଯୋଗ ନେବାକୁ ମଧ୍ୟ ଚାହିଁ ବସିଥିଲେ। ତେବେ ବିରୋଧୀଙ୍କ ଚକ୍ରାନ୍ତ ଓ ଯୋଜନାକୁ ପଛରେ ପକାଇ ଚ୍ୟାଉ ଓ ସୁବାସଙ୍କ ମଧ୍ୟରେ ଥିବା ଦୀର୍ଘ ୩୫ ବର୍ଷର ସମ୍ପର୍କ ଅତୁଟ ରହିପାରିଛି। ଏହା ପଛରେ ଅବଶ୍ୟ ବ୍ରହ୍ମପୁର ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, କର୍ପୋରେଟର ତ୍ରିପତି ପାତ୍ର ଓ ଯୁବନେତା ସନ୍ତୋଷ ପାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆପୋଷ ଆଲୋଚନା ପରେ ଅଭିମାନ ଦୂର କରି ପୁଣି ମିଶିଛନ୍ତି ଉଭୟ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ସୁବାସ ମହାରଣା। କେବଳ ମିଶିନାହାନ୍ତି ବରଂ ଗତ ଗୁରୁବାର ରାତିରୁ ବିଭିନ୍ନ ରାଜନୈତିକ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ଉଭୟେ। ସେହିଭଳି ଶୁକ୍ରବାର ପୂର୍ବାହ୍ନରୁ ଉଭୟେ ଓ ଦଳର ଅନ୍ୟ ନେତୃବୃନ୍ଦଙ୍କ ସମେତ ବହୁ କର୍ମୀ ବିଭିନ୍ନ ସ୍ଥାନରେ ବୁଲି ବୁଲି ପ୍ରଚାର କରିବା ସହ ଚ୍ୟାଉ ପଟ୍ଟନାୟକଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିବା ଦେଖିବାକୁ ମିଳିଛି। ସୁବାସ ବାବୁ ଜଣେ ଭଲ ସଙ୍ଗଠକ। ଦୀର୍ଘ ବର୍ଷର ଅଭିଜ୍ଞତାକୁ ଆଧାର କରି ସହରର ତଥା ଜିଲ୍ଲାର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ। ବୃକ୍ଷରୋପଣ ଜରିଆରେ ପରିବେଶ ସୁରକ୍ଷା କ୍ଷେତ୍ରରେ ତାଙ୍କର ସମାଜ ପ୍ରତି ରହିଛି ଅତୁଳନୀୟ ଅବଦାନ। ଏଣୁ ତାଙ୍କ ପ୍ରଚାରରେ ସୁବାସଙ୍କ ସାମିଲ ହେବା ନିଶ୍ଚିତ ଭାବେ ବିଜୟ ସମ୍ଭାବନାକୁ ଅଧିକ ଉଜ୍ଜ୍ୱଳ କରିବ ବୋଲି କହିଛନ୍ତି ବିଜେଡିର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ। ସେହିଭଳି ଗୁରୁତୁଲ୍ୟ ଡାକ୍ତର ଚ୍ୟାଉପଟ୍ଟନାୟକଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଛି। ସେ କିଛି ଭିନ୍ନ କାରଣରୁ ତାଙ୍କ ଉପରେ ଅଭିମାନ କରିଥିଲେ। ତେବେ ଦଳ ପ୍ରତି ବା ଚ୍ୟାଉବାବୁଙ୍କ ପ୍ରତି ସେ ବିମୁଖ ନଥିବା କହିଛନ୍ତି ସୁବାସ ମହାରଣା। ବର୍ତ୍ତମାନ ସବୁ ସମସ୍ୟାର ସମାଧାନ ହେବା ସହ ପୂର୍ବ ସମ୍ପର୍କ ଅତୁଟ ରହିଥିବା ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୁବାସ ଓ ଚ୍ୟାଉବାବୁଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହେବାପରେ ଏହାର ଫାଇଦା ନେବାକୁ ଚାହିଁ ରହିଥିବା ବିରୋଧୀଙ୍କୁ ବର୍ତ୍ତମାନ ଜଳକା ହେବାକୁ ପଡ଼ିଛି।



- **ଅଭିମାନ କରିଥିଲି, ବିମୁଖ ନୁହେଁ; ଚ୍ୟାଉ ବାବୁଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଅଛି: ସୁବାସ**
- **କିଛିଦିନର ନିରବତାକୁ ଭାଙ୍ଗି ଚ୍ୟାଉ ବାବୁଙ୍କ ସହ ପ୍ରଚାରରେ ବୁଲିଲେ ସୁବାସ**
- **ସୁବାସଙ୍କ ଫେରିବା ସହ ବିଜୟ ସମ୍ଭାବନା ଉଜ୍ଜ୍ୱଳ: ଡା. ଚ୍ୟାଉ ପଟ୍ଟନାୟକ**

# ‘ଜୟ ଜଗନ୍ନାଥ’ ଓ ‘ଜୟ ଶ୍ରୀରାମ’ ନାରାରେ କମ୍ପିଲା ମେଡିକାଲ ଖେଳପଡ଼ିଆ



**ବ୍ରହ୍ମପୁର, ୧୨।୪(ସମିସ):** ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦେଖିବାକୁ ମିଳୁଛି ଭିନ୍ନଭିନ୍ନ ତଥା ନିଆରା ଦୃଶ୍ୟ। ବ୍ରହ୍ମପୁର ଉଭୟ ଲୋକସଭା ଓ ବିଧାନସଭା ପାଇଁ ବିଜେଡି ଓ ବିଜେପି ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ତେବେ କଂଗ୍ରେସ କେବଳ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଧାନସଭା ଆସନ ପାଇଁ ଏପର୍ଯ୍ୟନ୍ତ ନିଜର ପ୍ରାର୍ଥୀ ଚୟନ କରିପାରି ନାହିଁ। ହାତରେ କମ୍ ସମୟ ଥିବା ଦୃଷ୍ଟିରୁ ପ୍ରଚାରକୁ ଜୋରଦାର କରିଛନ୍ତି ପ୍ରାର୍ଥୀ। ସେପଟେ ପ୍ରଚଣ୍ଡ ରୌଦ୍ରତାପ କାରଣରୁ ଦିନ ପରିବର୍ତ୍ତେ ପୂର୍ବାହ୍ନରେ ଓ ସନ୍ଧ୍ୟା ସମୟରେ ପ୍ରଚାର କରିବାକୁ ଉଚିତ ମଣୁଛନ୍ତି ସଭିଏଁ। ଏଭଳି ପରିସ୍ଥିତିରେ ଖେଳପଡ଼ିଆ, ପାର୍କ ସମେତ ଚାହା ଖଟିକୁ ଟାର୍ଗେଟ କରି ପ୍ରଚାର ଅଭିଯାନକୁ ଦ୍ୱରାନ୍ୱିତ କରିଛନ୍ତି ବିଭିନ୍ନ ଦଳର ପ୍ରାର୍ଥୀ।

ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଏମ୍‌କେସିଜି ମେଡିକାଲ ଖେଳପଡ଼ିଆରେ ଦେଖିବାକୁ ମିଳିଥିଲା ନିଆରା ଦୃଶ୍ୟ। ବିଜେଡି ବିଧାୟକ ପ୍ରାର୍ଥୀ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ନିଜ ସମର୍ଥକ ଓ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ସାଙ୍ଗରେ ଧରି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ପ୍ରଚାର କାର୍ଯ୍ୟରେ ଶତାଧିକ କର୍ମୀ ଓ ନେତା ସାମିଲ ହୋଇଥିବା ବେଳେ ସେମାନଙ୍କ ପ୍ରତି ଜନସାଧାରଣଙ୍କ ବିପୁଳ ସମର୍ଥନ ଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ଏକା ସମୟରେ ବିଜେପି ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀ ସେଠାରେ କିଛି ହାତଗଣତି କର୍ମୀଙ୍କୁ ସାଙ୍ଗରେ ନେଇ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ପ୍ରଚାର ଶୈଳୀକୁ ଦେଖିଲେ ବିଜେଡି ଆଗରେ ଥିବାନେଇ ସହରରେ ବୁଦ୍ଧିଜୀବୀଙ୍କ ଆଲୋଚନା ହେଉଛି। ଉଭୟ ଦଳର ପ୍ରାର୍ଥୀଙ୍କ ପ୍ରଚାର ସମୟରେ ପରସ୍ପର ମଧ୍ୟରେ ଭେଟଘାଟ ହୋଇଥିଲା। ପରସ୍ପରକୁ ପରସ୍ପର ଶୁଭେଚ୍ଛା ଜଣାଇଥିଲେ। ତେବେ ଉଭୟ ପ୍ରାର୍ଥୀଙ୍କ କର୍ମୀଙ୍କ ମୁହଁରୁ ଶୁଭିଥିଲା ‘ଜୟ ଜଗନ୍ନାଥ’ ଓ ‘ଜୟ ଶ୍ରୀରାମ’ ନାରା। ଯାହା ଖେଳପଡ଼ିଆରେ ପ୍ରକମ୍ପିତ ହୋଇଥିଲା। ଏଭଳି ନାରାକୁ ନେଇ ସେଠାରେ ଉପସ୍ଥିତି ଜନସାଧାରଣଙ୍କ ମଧ୍ୟରେ କୌତୁହଳ ସୃଷ୍ଟି ହୋଇଥିଲା।



**ହାତଗଣତି ସମର୍ଥକଙ୍କୁ ନେଇ ପ୍ରଚାର କରୁଛନ୍ତି ଗେରୁଆ ଦଳର ପ୍ରାର୍ଥୀ**

**ବିଜେଡି ପ୍ରତି ଥିବା ଜନ ସମର୍ଥନକୁ ଦେଖି ଛାନିଆ ହେଲାଣି ବିଜେପି**

## ଏମ୍‌ଏଭି ସ୍କୁଲର ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା




**ବ୍ରହ୍ମପୁର, ୧୨।୪(ସମିସ):** ସ୍ଥାନୀୟ ହିଲପାଟଣାସ୍ଥିତ ମାତୃଶ୍ରୀ ଆଗ୍ଲୋବେଦିକ ସ୍କୁଲର ସ୍କାଉଟ, ଗାଇଡ୍ ଓ ଏନସିସି କ୍ୟାଡେଟଙ୍କ ସମେତ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ପୂର୍ବାହ୍ନ ସାଢେ ୬ଟା ସମୟରେ ସ୍କୁଲ ପରିସରରୁ ଏହି ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ପରିବେଶ ସୁରକ୍ଷା ସହିତ ସୁନ୍ଦର ଓ ସବୁଜ ସହର ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ଓ ସ୍ଲୋଗାନ ଦେଇ ଲୋକଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରା ହିଲପାଟଣାସ୍ଥିତ ବିଦ୍ୟାଳୟରୁ ବାହାରି ଗିରିରୋଡ ଓ ବିଜିପୁର ଅଞ୍ଚଳରେ ପରିକ୍ରମା କରିଥିଲା। ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ସମ୍ପାଦକ କୁମୁଦ ରଞ୍ଜନ ପାଢ଼ୀ, ଅଧ୍ୟକ୍ଷ ଦ୍ୱାରିକା ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପରିବେଶ ସୁରକ୍ଷା, ବୃକ୍ଷରୋପଣର ଆବଶ୍ୟକତା ଓ ସ୍ୱଚ୍ଛ ଭାରତ ଗଠନ ଉପରେ ନିଜନିଜର ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ସ୍କାଉଟ ପ୍ରଶିକ୍ଷକ ସୁରେଶ ଚନ୍ଦ୍ର ପାଢ଼ୀ, ପ୍ରଗତି ପଢ଼ାଳ, ଦିବ୍ୟସିଂ ପଟ୍ଟନାୟକଙ୍କ ସହ ଗାଇଡ କ୍ୟାପଟେନ ଶ୍ରୀମତୀ ଅରୁନ୍ଧତିପାଢ଼ୀ ଓ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ସାମିଲ ହୋଇ ଶୋଭାଯାତ୍ରାର ସୁଚାରୁ ପରିଚାଳନା କରିଥିଲେ।

## ଚାଲିଛି ଦଣ୍ଡନାଚ; ଜମୁଛି ସାଂସ୍କୃତିକ କାର୍ଯ୍ୟକ୍ରମ



**ବ୍ରହ୍ମପୁର, ୧୨।୪(ସମିସ):** ଆଉ ଦୁଇଦିନ ପରେ ସମାପନ ହେବ ଗଞ୍ଜାମ ପ୍ରସିଦ୍ଧ ପାରମ୍ପାରିକ ଦଣ୍ଡ ନାଚ। ଶୁକ୍ରବାର ସହରର ବିଭିନ୍ନ ସ୍ଥାନରେ ପ୍ରାୟ ୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଦଣ୍ଡନାଚ ହୋଇଥିଲା। କିଛି ସ୍ଥାନରେ ସାହି ବାସିନ୍ଦାଙ୍କ ସହଯୋଗରେ ନାଚ ହେଉଥିବା ବେଳେ ଆଉ କିଛି ସ୍ଥାନରେ ମାନସିକଧାରୀଙ୍କ ପକ୍ଷରୁ ଦଣ୍ଡନାଚ ଆୟୋଜିତ କରାଯାଇଥିଲା। ସକାଳୁ ଦଣ୍ଡୁଆମାନେ ମାନସିକଧାରୀଙ୍କ ଘର ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଉକ୍ତ ଅଞ୍ଚଳ ପରିକ୍ରମା କରିଥିଲେ। ମଧ୍ୟାହ୍ନରେ ଦଣ୍ଡୁଆମାନେ ଧୂଳିଦଣ୍ଡ ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ପାଣିଦଣ୍ଡ କରିଥିଲେ। ସନ୍ଧ୍ୟାରେ ମା’ଙ୍କ ଆଳତି କରିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ରାତ୍ରି ସମୟରେ ଦଣ୍ଡନାଚ ପରିଚାଳନା କମିଟି ପକ୍ଷରୁ ପୌରଣିକ ଓ ସାମାଜିକ ନାଟକ ପରିବେଷଣ କରାଯାଇଥିଲା। ସହରର ଗେଟ୍ ବଜାରସ୍ଥିତ ଓଆରଟି କଲୋନୀରେ ରୋଗୀଗାଁ ପାର୍ଟି ଦଣ୍ଡନାଚ ହେଉଛି। ଏଥିରେ ଓଲିଉଡ ନାୟିକା ରିୟା ଦେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଫଳରେ ଉକ୍ତ ସ୍ଥାନରେ ପ୍ରବଳ ଭିଡ଼ ପରିଲକ୍ଷିତ ହେବ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଆଉ ଦୁଇ ଦିନ ଦଣ୍ଡନାଚ ରହିଥିବା ବେଳେ ମେରୁ ପର୍ବ ନିମନ୍ତେ ଦଣ୍ଡୁଆମାନେ ନିଜ ନିଜ ଅଞ୍ଚଳକୁ ଫେରିଯିବେ।

## ଦଣ୍ଡନାଚ ଦେଖିବାକୁ ଯାଇଥିଲେ ଘର ମାଲିକ

# ତାଲାଭାଙ୍ଗି ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବ୍ରହ୍ମପୁର, ୧୨।୪(ସମିସ)



ଗୁରୁବାର ବିଳମ୍ବିତ ରାତିରେ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଜଳେଶ୍ୱର ବିହାର ୪ର୍ଥ ଲାଇନର ଏକ ଘରୁ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତ ଉକ୍ତ ଘରୁ ୭ଭରି ସୁନା, ୧୦ଭରି ରୁପା ଓ ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଛି। ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ପୁଲିସ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ତନାଘନା କରିଥିଲା। ପୁଲିସ ନିକଟରେ ଘଟଣା ବେଳର ସିସିଟିଭି ଫୁଟେଜ ଲାଗିଛି। କିନ୍ତୁ ଅଭିଯୁକ୍ତକୁ ଚିହ୍ନଟ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପଚରାଉଚରା କରୁଛି। ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଏକ ଟିମ୍ ଗଠନ କରିଛି। ସିସିଟିଭି ଫୁଟେଜକୁ ଆଧାର କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।



ସୂଚନାଯୋଗ୍ୟ ଯେ, ଜଳେଶ୍ୱର ବିହାର ୪ର୍ଥ ଲାଇନର ଟୁନାପାତ୍ର ଗୁରୁବାର ରାତି ୨ଟା ବେଳେ ନିକଟରେ ହେଉଥିବା ଏକ ଦଣ୍ଡନାଚ ଦେଖିବାକୁ ଯାଇଥିଲେ। ଗଲାବେଳେ ଘରେ ତାଲା ପକାଇ ଯାଇଥିଲେ। ତାଲା ବନ୍ଦ ଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଛାତ ଉପରେ ଚଢ଼ି ଶାବଳରେ ଘରେ ପଡ଼ିଥିବା ତାଲା ଭାଙ୍ଗିଥିଲେ। ପରେ ଘରେ ପଶି ଆଲମାରୀ ଭାଙ୍ଗି ସେଥିରେ ଥିବା ୭ ତୁଳା ସୁନା, ୧୦ ତୁଳା ରୁପା, ନଗଦ ଦେଢ଼ ଲକ୍ଷ ଟଙ୍କା, ଲାପଟପ, ଓ କିଛି ଲୁଗାପଟା ଚୋରି କରିଛି। ଏଭଳି ବଡ଼ଧରଣର ଚୋରି ହେବା ପୁଲିସର ଚିନ୍ତାର କାରଣ ହୋଇପଡ଼ିଛି।

**୭ ଭରି ସୁନା, ୧୦ ଭରି ରୁପା ଓ ଦେଢ଼ ଲକ୍ଷ ଟଙ୍କା ଚୋରି**

## ସ୍ତ୍ରୀକୁ ଯୌତୁକ ନିର୍ଯ୍ୟାତନା; ସ୍ୱାମୀ ଗିରଫ

**ବ୍ରହ୍ମପୁର, ୧୨।୪(ସମିସ):** ଅଧିକ ଯୌତୁକ ଦାବିରେ ସ୍ତ୍ରୀକୁ ନିର୍ଯ୍ୟାତନା ଦେବା ଅଭିଯୋଗରେ ମହିଳା ଥାନା ପୁଲିସ ଅଭିଯୋଗକାରୀଙ୍କ ସ୍ୱାମୀକୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନାମ ଖୋଡାସିଂ ରାଧାମୋହନ ନଗରର ପ୍ରଦ୍ୟୁମ୍ନ କୁମାର ଖାଡଙ୍ଗା(୪୬)। ଅଭିଯୋଗକାରୀ ମହିଳା ମୋନାଲିସା ମିଶ୍ରଙ୍କ ସହ ଅଭିଯୁକ୍ତ ପ୍ରଦ୍ୟୁମ୍ନଙ୍କ ୧୩ ବର୍ଷ ପୂର୍ବେ ବିବାହ ହୋଇଥିଲା। ବିବାହ ସମୟରେ ଯୌତୁକ ବାବଦକୁ ମୋନାଲିସାଙ୍କ ପରିବାର ପକ୍ଷରୁ ୨ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଦିଆଯାଇଥିଲା। ହେଲେ କିଛି ଦିନ ପରେ ଅଧିକ ଯୌତୁକ ଦାବିରେ ମୋନାଲିସାଙ୍କୁ ନିର୍ଯ୍ୟାତନା ଦିଆଯାଇଥିଲା। ପ୍ରଦ୍ୟୁମ୍ନ ଅନେକ ସମୟରେ ମଦ୍ୟପାନ କରି ମୋନାଲିସାଙ୍କୁ ମାରପିଟ କରୁଥିଲେ। ଯାହାକୁ ନେଇ ମୋନାଲିସା ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲା। ଅଭିଯୁକ୍ତ ପ୍ରଦ୍ୟୁମ୍ନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୁଲିସ କହିଛି।

## କୁମାର ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାଦଶାହ ପାଳିତ

**ବ୍ରହ୍ମପୁର, ୧୨।୪(ସମିସ):** ସ୍ଥାନୀୟ ହିଲପଟଣାସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସ୍ୱର୍ଗତ କୁମାର ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାଦଶାହ ପାଳିତ ହୋଇଯାଇଛି। ୮୨ ବର୍ଷୀୟ ସ୍ୱର୍ଗତ ପଟ୍ଟନାୟକ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ପିତା। ଏହା ସହ ସେ ଜଳସେଚନ ବିଭାଗର ଜଣେ ଦକ୍ଷ ଯନ୍ତ୍ରୀ ଭାବେ ବେଶ୍ ପରିଚିତ ଥିଲେ। ହୀରାକୁଦ ଓ କାଲିମେଳା ଆଦି ବନ୍ଧ କାର୍ଯ୍ୟ କରି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ପରୋପକାରୀ ବ୍ୟକ୍ତି ଭାବେ ବେଶ ପରିଚିତ ଥିଲେ। ଶୁଭେଚ୍ଛୁମାନେ ସ୍ୱର୍ଗତ ପଟ୍ଟନାୟକଙ୍କ ଅନୁଷ୍ଠିତ ଦ୍ୱାଦଶାହ କାର୍ଯ୍ୟରେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଲୋକସଭା କଂଗ୍ରେସ ପ୍ରାର୍ଥୀ ତଥା ପୁଅ ରଶ୍ମିରଞ୍ଜନ ପଟ୍ଟନାୟକ, ବୋହୂ ଅପରାଜିତା ପଟ୍ଟନାୟକ, ନାତି ଅଭିଜିତ ପଟ୍ଟନାୟକ, ଭଣଜା ଡ. ଜଗନ୍ନାଥ ପଟ୍ଟନାୟକ, ଦେବ ଦୁର୍ଲ୍ଲଭ ପଟ୍ଟନାୟକ, ଝିଅ ଗୌରିପ୍ରିୟ ପଟ୍ଟନାୟକ, ଜ୍ୱାଇଁ ରାଧାନାଥ, ମିନତୀ, ପିତବାସ, ଅଦ୍ୱିତ, ଅଲିଭା, ଜଗନ୍ନାଥ, ପ୍ରିୟଦର୍ଶିନୀ, ଆଶିଷ, ଅଦିତୀଙ୍କ ସମେତ ଆତ୍ମୀୟ ସ୍ୱଜନ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ।



## ଚକ୍ଷୁ ପରୀକ୍ଷା ଶିବିର

**ବ୍ରହ୍ମପୁର, ୧୨।୪(ସମିସ):** ସ୍ଥାନୀୟ ଗେଟବଜାରସ୍ଥିତ କେନାଳ ସାହିରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାନଗର ନିଗମର ୧୭ ନମ୍ବର ୱାର୍ଡ କର୍ପୋରେଟର ଦୁର୍ଗା କୁମାର ଲାୟକଙ୍କ ଦ୍ୱାରା ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଉକ୍ତ ଅଞ୍ଚଳର ବହୁ ବୃଦ୍ଧ ଓ ବୃଦ୍ଧା ଯୋଗଦେଇ ନିଜର ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରରେ ଚକ୍ଷୁ ବିଶେଷଜ୍ଞମାନେ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରିବା ସହ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ଯେଉଁ ମାନଙ୍କ ଚକ୍ଷୁରେ ସମସ୍ୟା ରହିଛି ଏବଂ ଅସ୍ତ୍ରୋପଚାର ନିମନ୍ତେ ଆବଶ୍ୟକ ରହିଛି ବିଏସକେୱାଇ କାର୍ଡ ଜରିଆରେ ଚିକିତ୍ସା କରିବାକୁ କର୍ପୋରେଟର ଶ୍ରୀ ଲାୟକ ଉପଦେଶ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଏଭଳି ଶିବିର ଆୟୋଜନ କରାଯାଇଥିବାରୁ ଏହାକୁ ସ୍ଥାନୀୟ ବାସିନ୍ଦା ବହୁ ପ୍ରଶଂସା କରିଥିଲେ।



# ‘ମୋ ବସ୍’କୁ ଓଭରଟେକ୍ କରିବାକୁ ଯାଇ ଓଲଟିଥିଲା କ୍ଷୀର ଗାଡ଼ି

ବ୍ରହ୍ମପୁର, ୧୨।୪(ସମିସ)

ବ୍ରହ୍ମପୁର ସହରରେ କ୍ରୁଟ୍ ପକ୍ଷରୁ ନୂତନ କରି ଆରମ୍ଭ ହୋଇଥିବା ‘ମୋ-ବସ୍’ ସେବାକୁ ନିଜର ସ୍ୱାର୍ଥ ହାସଲ ପାଇଁ ବା ବ୍ୟବସାୟିକ ଦୃଷ୍ଟିକୋଣରୁ କିଛି ଘରୋଇ ବସ୍ ମାଲିକ ବା କର୍ମଚାରୀ ବିରୋଧ କରୁଛନ୍ତି। ଏନେଇ ପୂର୍ବରୁ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ମଧ୍ୟ ହୋଇଥିବା ନଜିର ରହିଛି। ଫଳରେ ‘ମୋ-ବସ୍’ କର୍ତ୍ତୃପକ୍ଷଙ୍କୁ ବଦନାମ କରିବାକୁ ଯାଇ ଏଠାରେ ବିଧିବଦ୍ଧ ଏକ ଚକ୍ରାନ୍ତ ଚାଲିଥିବା ଅଭିଯୋଗ ହୋଇଛି। ଫଳରେ କିଛି ବୁଝିନସୁଝି ଭାଇରାଲ ଫଟୋ ବା ଭିଡିଓକୁ ନେଇ ‘ମୋ-ବସ୍’ ଯାତ୍ରୀସେବାକୁ ବଦନାମ କରିବାକୁ ଯୋଜନା ଚାଲିଛି। ତେବେ ଏହା କଦାପି ଫଳପ୍ରଦ ହେବନାହିଁ। ଗତ ୧୧ ତାରିଖରେ ସ୍ଥାନୀୟ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଟାଟାବେଞ୍ଜ ଛକ ନିକଟରେ ଏକ କ୍ଷୀର ବୋଝେଇ ଗାଡ଼ି ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ କିଛି ସମୟ ପାଇଁ ରାସ୍ତା ଅବରୋଧ ହୋଇ ଟ୍ରାଫିକ ଜାମ ହୋଇଥିଲା।

ଏଭଳି ସମୟରେ ସେଠାରେ ଥିବା ମୋ ବସର ଡ୍ରାଇଭର ବା କ୍ୟାପଟେନ ଗାଡିରୁ ଓହ୍ଲାଇ ଓଲଟି ପଡ଼ିଥିବା କ୍ଷୀର ଗାଡିକୁ ରାସ୍ତାରୁ ଉଠାଇବା ପାଇଁ ଅନ୍ୟମାନଙ୍କୁ ସହଯୋଗ କରିଥିଲେ। ଯାହା ଫଳରେ ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିଥିଲା। ତେବେ ଏହି ଘଟଣାକୁ ରଙ୍ଗଦେଇ ଫଟୋକୁ ଆଧାର କରି କିଛି ଗଣମାଧ୍ୟମରେ ‘ମୋ-ବସ୍’ ଧକ୍କାରେ କ୍ଷୀର ଗାଡି ଓଲଟିଥିବା ନେଇ ଖବର ପ୍ରକାଶ ପାଇଥିଲା। ଯାହା ପ୍ରକୃତରେ ସତ୍ୟ ନୁହଁ ବୋଲି କହିଛନ୍ତି ବ୍ରହ୍ମପୁର କ୍ରୁଟର ଡିପୋ ମ୍ୟାନେଜର ଅମୀୟ ମିଶ୍ର। ଅନୁରୂପ ଭାବେ ସହରରେ ବିଭିନ୍ନ ଦୁର୍ଘଟଣାରେ ମଧ୍ୟ ‘ମୋ-ବସ୍’ ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ନେଇ ହୋଇଥିବା ଅଭିଯୋଗର ପ୍ରତିକ୍ରିୟା ମଧ୍ୟ ସେ ରଖିଛନ୍ତି। ପୂର୍ବରୁ ହୋଇଥିବା ଦୁଇଟି ସଡ଼କ ଦୁର୍ଘଟଣାରେ ମଧ୍ୟ ‘ମୋ-ବସ୍’ ଡ୍ରାଇଭରଙ୍କର ନୁହେଁ ବରଂ ଘରୋଇ ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ ଚାଳକଙ୍କର ଭୁଲ ଥିବା ନେଇ ଖୋଦ୍ ମୋ ବସ କର୍ମଚାରୀଙ୍କ ପକ୍ଷରୁ ଟ୍ରାଫିକ ଥାନାରେ ଏତଲା ଦିଆଯାଇଛି। କୌଣସି ଘଟଣାରେ ‘ମୋ-ବସ୍’ କ୍ୟାପଟେନ ବା କର୍ମଚାରୀଙ୍କର ଭୁଲ ନଥିବା କ୍ରୁଟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେପଟେ ସହରରେ ଶୃଙ୍ଖଳିତ ଓ ସୁରକ୍ଷିତ ଯାତ୍ରୀସେବା ଯୋଗାଇବା ପାଇଁ ବଦ୍ଧପରିକର ଥିବା ‘ମୋ-ବସ୍’ ବା କ୍ରୁଟ କର୍ତ୍ତୃପକ୍ଷ ସମସ୍ତ ବିଷୟକୁ ଗୁରୁତ୍ୱର ସହିତ ଅନୁଧ୍ୟାନ କରୁଥିବା ଶ୍ରୀ ମିଶ୍ର ସ୍ପଷ୍ଟ କରିଛନ୍ତି।

- **ପୂର୍ବରୁ ପୃଥକ ପୃଥକ ଦୁର୍ଘଟଣାରେ ଘରୋଇ ଗାଡ଼ି ବିରୋଧରେ ଏତଲା ଦେଇଛନ୍ତି ‘ମୋ ବସ୍’ କର୍ମଚାରୀ**
- **‘ମୋ ବସ୍’ କର୍ତ୍ତୃପକ୍ଷଙ୍କୁ ବଦନାମ କରିବାକୁ କରାଯାଉଛି ଚକ୍ରାନ୍ତ: ‘କ୍ରୁଟ୍’ ଡିପୋ ମ୍ୟାନେଜର**

## ମୁମ୍ବାଇ କ୍ରାଇମବ୍ରାଞ୍ଚ ଅଧିକାରୀର ପରିଚୟ ଦେଇ ୯୬ ହଜାର ଟଙ୍କା ଠକେଇ

**ବ୍ରହ୍ମପୁର, ୧୨।୪(ସମିସ):** ମୁମ୍ବାଇ କ୍ରାଇମବ୍ରାଞ୍ଚ ଓ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇ ସାଇବର୍ ଠକମାନେ ଜଣେ ଯୁବକଙ୍କଠାରୁ ୯୬ହଜାର ୨୫୨ ଟଙ୍କା ଠକି ନେଇଛନ୍ତି। ଏହି ଘଟଣାକୁ ନେଇ ଅଭିଯୋଗ ପରେ ନିମଖଣ୍ଡି ଥାନା

**● ଥାନାର ଦ୍ୱାରସ୍ଥ ହେଲେ ଯୁବକ**

ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, କିଛିଦିନ ପୂର୍ବେ ବ୍ରହ୍ମପୁର ଗଜପତିନଗର ନିକଟ ବାସୁଦେବ ନଗର ପ୍ରଥମ ଲାଇନର ଜଣେ ୨୩ବର୍ଷୀୟ ଯୁବକଙ୍କ ନିକଟକୁ ଏକ ଫୋନ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ଫେଡେକ୍ସ ନାମକ ସଂସ୍ଥାର କର୍ମଚାରୀ ବୋଲି ପରିଚୟ ଦେଇଥିଲା। ସଂସ୍ଥା ପକ୍ଷରୁ ମୁମ୍ବାଇରେ ଏକ ପାର୍ସଲ ଜବତ କରାଯାଇଛି ଯାହା ଆପଣଙ୍କ ନାଁରେ ରହିଛି ଏବଂ ସେଥିରେ ବେଆଇନ ନିଶା ଦ୍ରବ୍ୟ ରହିଛି ବୋଲି ସଂସ୍ଥାର କର୍ମଚାରୀ ଜଣଙ୍କ କହିଥିଲେ। ଉକ୍ତ ପାର୍ସଲ ପ୍ୟାକେଟ ଉପରେ ଯୁବକଙ୍କ ନାଁ, ମୋବାଇଲ ନମ୍ବର ଓ ଆଧାରକାର୍ଡ ଲେଖା ହୋଇଥିବା କର୍ମଚାରୀ ଜଣଙ୍କ ବ୍ରହ୍ମପୁରର ଏହି ଯୁବକଙ୍କୁ କହି ଡରାଇ ଦେଇଥିଲେ। ସେହିପରି କର୍ମଚାରୀ ଜଣଙ୍କ ସେହି ଫୋନ କଲକୁ ମିଛରେ ମୁମ୍ବାଇ କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀଙ୍କୁ ପରୱାର୍ଡ କରୁଛି ବୋଲି କହିଥିଲେ। ପରେ ବ୍ରହ୍ମପୁରର ଯୁବକଙ୍କ ସହ ଅନ୍ୟ ଜଣେ ବ୍ୟକ୍ତି କଥା ହୋଇଥିଲେ ଯିଏକି ନିଜକୁ ମୁମ୍ବାଇର ସିବିଆଇ ଅଧିକାରୀ ବୋଲି କହିଥିଲେ। ଯୁବକଙ୍କ ନାଁରେ ୩୫୦ଟି ବ୍ୟାଙ୍କ ଆକାଉଣ୍ଟ ରହିଥିବା ଏହି ନକଲି ସିବିଆଇ ଅଧିକାରୀ ଜଣଙ୍କ କହିଥିଲେ। ବେଆଇନ ନିଶାଦ୍ରବ୍ୟ କାରବାର ଏବଂ ୩୫୦ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ବେଆଇନ ଅର୍ଥ କାରବାରର ତଦନ୍ତ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପକ୍ଷରୁ ନିର୍ଦ୍ଦେଶ ରହିଛି ବୋଲି ନକଲି ସିବିଆଇ ଅଧିକାରୀ ଜଣଙ୍କ ବ୍ରହ୍ମପୁରର ଯୁବକଙ୍କୁ କହିଥିଲେ। ଏପରିକି ଅନଲାଇନରେ ଭିଡିଓ କଲ କରି ଆରବିଆଇ ଏବଂ ସିବିଆଇର ନାଁରେ ପ୍ରସ୍ତୁତ କରାଯାଇଥିବା ନକଲି ନିର୍ଦ୍ଦେଶନାମା ମଧ୍ୟ ଦେଖାଇଥିଲେ। ଯାହାକୁ ଦେଖି ବ୍ରହ୍ମପୁରର ଯୁବକ ଜଣଙ୍କ ଡରି ଯାଇଥିଲେ। ଏହା ସହ କୌଣସି ନିଶା କାରବାର କିମ୍ବା ବେଆଇନ ଅର୍ଥ କାରବାରରେ ସଂପୃକ୍ତ ନଥିଲେ ମଧ୍ୟ ତାଙ୍କ ନାମରେ କିଭଳି ତଦନ୍ତ ନିର୍ଦ୍ଦେଶ ଦିଆଗଲା ସେ ପଚାରିଥିଲେ। ତେବେ ମାମଲା ରଫାଦଫା କରିବାକୁ ବ୍ରହ୍ମପୁରର ଯୁବକ ଜଣଙ୍କ ଫୋନ କରିଥିବା ବ୍ୟକ୍ତିଙ୍କୁ କହିଥିଲେ। ଏଥିପାଇଁ ଲକ୍ଷାଧିକ ଟଙ୍କା ଦେବାକୁ ପଡ଼ିବ ବୋଲି ସଂପୃକ୍ତ ବ୍ୟକ୍ତି ଜଣଙ୍କ କହିଥିଲେ। ଏହାପରେ ବ୍ରହ୍ମପୁରର ଯୁବକ ଜଣଙ୍କ ସାଇବର ଠକଙ୍କ ୨ଟି ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୯୬ହଜାର ୨୫୨ଟଙ୍କା ପଠାଇଥିଲେ। ଏହାପରେ ସାଇବର ଠକମାନେ ଅଧିକ ଟଙ୍କା ଦାବି କରିବାରୁ ଯୁବକ ଜଣଙ୍କ ଠକେଇର ଶିକାର ହୋଇଥିବା ସନ୍ଦେହ କରିଥିଲେ। ଏନେଇ ସେ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ କେସ ନଂ ୧୧୮/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

**● ସରକାରୀ ଅର୍ଥ ଆତ୍ମସାତ୍ ମାମଲା**

## ସରପଞ୍ଚଙ୍କୁ ଦୁଇ ବର୍ଷ ଜେଲ୍

**ବ୍ରହ୍ମପୁର, ୧୨।୪(ସମିସ):** ଶୁକ୍ରବାର ଏକ ସରକାରୀ ଅର୍ଥ ଆତ୍ମସାତ ମାମଲାର ବିଚାରଣା କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଦୁଇବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଜଣକ ହେଲେ ଗଜପତି ଜିଲ୍ଲା କାଶୀନଗର ବ୍ଲକ କିଡିଗାଁ ପଞ୍ଚାୟତର ତତ୍କାଳୀନ ସରପଞ୍ଚ ଡି.ରାମାରାଓ(୪୯)। ଏହି ଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଛି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୩ ମାସ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ଉକ୍ତ ପଞ୍ଚାୟତର ଗ୍ରାମସେବକ ତଥା ନିର୍ବାହୀ ଅଧିକାରୀ ଆଦିକନ୍ଦ ରାଇତାଙ୍କ ବିଚାରଣା ବେଳେ ମୃତ୍ୟୁ ଘଟିଥିଲା। ତେଣୁ ତାଙ୍କୁ ଏହି ମାମଲାରୁ ବାଦ ଦିଆଯାଇଥିଲା।

ସୂଚନାଯୋଗ୍ୟ ଯେ, ୨୦୦୬-୦୭ ଆର୍ଥିକ ବର୍ଷରେ ଏମଜିଏନଆରଇଜିଏସରେ ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ କାମ ପାଇଁ ଅର୍ଥ ମଂଜୁର ହୋଇଥିଲା। ହେଲେ ସେଥିରେ ବିନିଯୋଗ ଟଙ୍କା ଆତ୍ମସାତ କରିଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସର ଏକ ଟିମ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ୧ ଲକ୍ଷ ୪୧ ହଜାର ୨୫୧ ଟଙ୍କାର ହିସାବ ଉପରୋକ୍ତ ଅଭିଯୁକ୍ତମାନେ ଦେଇପାରିନଥିଲେ। ପଞ୍ଚାୟତର ସୁକର୍ଣ୍ଣପେଟାରୁ ବାଇରିଗୁଡା ରାସ୍ତା ପାଇଁ ୫୯ ହଜାର ୨୩ ଟଙ୍କା ମିଥ୍ୟା ବିଲ ଦାଖଲ କରିଥିବା ଜଣାପଡ଼ିଥିଲା। ଅନ୍ୟ ଏକ ରାସ୍ତା କାମ ଭେଙ୍କଟପୁରରୁ ଅପଲାନାଇଡୁପେଟା ଗ୍ରାମ ରାସ୍ତା କାମ ପାଇଁ ୪୮ ହଜାର ୨୯୫ ଟଙ୍କାର ମିଥ୍ୟା ବିଲ ଦେଇଥିବା ଜଣାପଡ଼ିଥିଲା। ସେହିପରି ୧୦ ହଜାର ଟଙ୍କାର ଋଣ ପରିଶୋଧ କରିଥିବା କେଶବୁକରେ ଲେଖାଯାଇଥିବାବେଳେ ସେ ସମ୍ପର୍କରେ ଋଣ ଆଣିଥିବା କେଉଁଠାରେ ଦର୍ଶାଯାଇନଥିଲା। ସେହିପରି ଚାଉଳ କିଣା ବାବଦକୁ ୧୩ ହଜାର ୯୭୩ ଟଙ୍କାର ମିଥ୍ୟା ବିଲ ଦାଖଲ ହୋଇଥିବା ତଦନ୍ତବେଳେ ଜଣାପଡ଼ିଥିଲା। ବ୍ରହ୍ମପୁର ଭିଜିଲାନ୍ସ ଏନେଇ ୨୦୧୧ ଡିସେମ୍ବର ୩ ତାରିଖରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର ଆର.କେ. ସୋନା ତତ୍କାଳୀନ କାଶୀନଗର ସରପଞ୍ଚ ଓ ଗ୍ରାମସେବକଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଉକ୍ତ ମାମଲାର ବିଚାରଣା ବେଳେ କୋର୍ଟରେ ୧୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁକ୍ରବାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ ସରପଞ୍ଚ ଡି.ରାମାରାଓ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀଙ୍କ ବୟାନ ଓ ତଦନ୍ତକାରୀ ଅଧିକାରୀଙ୍କ ଚାର୍ଜସିଟକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମୋକଦ୍ଦମା ପରିଚାଳନା କରୁଥିଲେ।

**ଛତ୍ରପୁରରେ ଉଗ୍ରରୂପ ନେଉଛି ବିଜେପିର ଗୋଷ୍ଠୀକନ୍ଦଳ**

# ବିଜେପି ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ଅସନ୍ତୁଷ୍ଟଙ୍କ ମେଳି





**ବ୍ରହ୍ମପୁର, ୧୨।୪(ସମିସ)**

ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ବିଜେପିର ଗୋଷ୍ଠୀକନ୍ଦଳ ତୀବ୍ର ହେବାରେ ଲାଗିଛି। ବିଜେପିରୁ ଘୋଷଣା କରାଯାଇଥିବା ଅନେକ ପ୍ରାର୍ଥୀଙ୍କୁ ଦଳୀୟ କର୍ମୀମାନେ ଗ୍ରହଣ କରିପାରୁନାହାନ୍ତି। ଏହା ବିରୋଧରେ ରାଜ୍ୟ ପଦାଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିବା ମଧ୍ୟ ଜଣାଯାଇଛି। ଏଣେ ଆଉ କିଛି ଉପାୟ ନପାଇ ଅନେକ ବିଜେପି ନେତା ଏବେ ବିଜେଡି ମୁହାଁ ହେଉଛନ୍ତି। ଆଉ କିଛି ସ୍ୱାଧୀନ ଭାବେ ବିଦ୍ରୋହର ବହ୍ନି ମଧ୍ୟ ଖେଳାଇବାକୁ ମନସ୍ଥ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିଜେପିର ଗୋଷ୍ଠୀକନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡ଼ୁଥିବା ଦେଖିବାକୁ ମିଳୁଛି। ନିର୍ବାଚନ ପ୍ରାର୍ଥୀ ଘୋଷଣା ହେବା ପରଠାରୁ ଏଠାରେ କର୍ମୀ ଓ ନେତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଚଳିତ ନିର୍ବାଚନରେ ବିଜେପି ପାର୍ଥୀ ଭାବେ କୃଷ୍ଣଚନ୍ଦ୍ର ନାୟକଙ୍କ ନାମ ଘୋଷଣା ହେବା ପରେ ଏହାକୁ ହଜମ କରିପାରୁନାହାନ୍ତି ବିଜେପି କର୍ମକର୍ତ୍ତା। ଏହା ବିରୋଧରେ ବିଜେପିର ଏକ ଗୋଷ୍ଠୀ ମେଳି ବାନ୍ଧିଛନ୍ତି। ଏନେଇ ଶୁକ୍ରବାର ଗଞ୍ଜାମ ସହର ସ୍ଥିତ ଖଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ରଙ୍କ ବିରୁଦ୍ଧରେ ମେଳି ବାନ୍ଧିଥିବା ଦେଖିବାକୁ ମିଳିଥିଲା। ଟିକେଟ ଆଶାରେ ବିଜେଡିରୁ ବିଜେପିକୁ ଆସିଥିବା ବନମାଳି ସେଠୀ ବିଜେପିରୁ ମଧ୍ୟ ପ୍ରାର୍ଥୀ ହେବା ନେଇ ଆଶା ବାନ୍ଧିଥିଲେ। ତାଙ୍କୁ ଏଠାରେ ମଧ୍ୟ ନିରାଶ ହେବାକୁ ପଡ଼ିଥିଲା। ବର୍ତ୍ତମାନ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ମନ ବାଳାଇଛନ୍ତି ବନମାଳୀ। ଏଣେ ଶୁକ୍ରବାର ଅସନ୍ତୁଷ୍ଟଙ୍କ ବୈଠକ ଚାଲିଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକ ସେଠାକୁ ଆସି ପଦ୍ମ ଚିହ୍ନରେ ଭୋଟଦେବା ପାଇଁ ନିବେଦନ କରିଥିଲେ। ହଠାତ ବିଜେପି ପାର୍ଥୀ କୃଷ୍ଣଚନ୍ଦ୍ରଙ୍କୁ ଦେଖି ସେଠାରେ ଉପସ୍ଥିତ ଥିବା ବନମାଳିଙ୍କ ସମର୍ଥକମାନେ ଚକ୍ତିତ ହୋଇଯାଇଥିଲେ। ଏଥିସହ ସେଠାରେ ଅନ୍ୟତମ ବିଜେପି ଆଶାୟୀ ପ୍ରଶାନ୍ତ କର ମଧ୍ୟ ଉପସ୍ଥିତ ଥିଲେ। ଗତଥର ସେ ଏଠାରୁ ବିଜେପିରୁ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିଥିଲେ। ବୈଠକରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ପ୍ରଶାନ୍ତ ମଧ୍ୟ ଦାବି କରିଥିଲେ। ଗୋଟିଏ ପଟେ ବନମାଳି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ମତ ରଖିଥିବା ବେଳେ ପ୍ରଶାନ୍ତ ମଧ୍ୟ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ଅଟଳଥିବା ଯୋଗୁଁ ସେଠାରେ ଉପସ୍ଥିତ ଦଳୀୟ କର୍ମୀ କାହାକୁ ସମର୍ଥନ ଦେବେ, ସେନେଇ ଆଲୋଚନା ଜୋର ଧରିଛି। ଏହାସହ ବାରମ୍ବାର ଦଳ ପରିବର୍ତ୍ତନ କରୁଥିବା ଗଞ୍ଜାମ ଏନଏସିର ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବର୍ତ୍ତମାନ କାହାକୁ ସମର୍ଥନ କରିବେ ତାହା ଏବେ ଆଲୋଚନା ହେଉଛି। ବୈଠକରେ ବିଜେପି ନଗର ସଭାପତି କାନ୍ତାରୀ ଦଳେଇ, ପୂର୍ବତନ କାଉନସିଲର ରଞ୍ଜନ ବେହେରା, ଧନୁର୍ଦ୍ଧର ବେହେରା, ସୁଦାମ ଚରଣ ଜେନା, ଛତ୍ରପୁର ଏନଏସି ଅଧ୍ୟକ୍ଷଙ୍କ ସ୍ୱାମୀ ଶେଖର ରେଡି, ଅଜୟ ରାଉଳ, ବିନୋଦ ପାଢ଼ୀ, ସନ୍ତୋଷ ଗୌଡ଼, ଭଗବାନ ପ୍ରଧାନ, କାଙ୍ଗା ପଲାଇଙ୍କ ସମେତ ଅନ୍ୟାନ କର୍ମୀ ଉପସ୍ଥିତ ଥିଲେ।

## ବିଧାୟକ ପ୍ରାର୍ଥୀ ବିପ୍ଲବଙ୍କ ନିର୍ବାଚନ ପ୍ରଚାର



**ଦିଗପହଣ୍ଡି, ୧୨।୪(ସମିସ):** ଦିଗପହଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଲବ ପାତ୍ର ଶୁକ୍ରବାର ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତରେ ନିର୍ବାଚନ ପ୍ରଚାର କରି ଫେରିଛନ୍ତି। ପ୍ରଥମେ ସେ ପଞ୍ଚାୟତ ଅଧୀନସ୍ଥ କେ. ସାମନ୍ତରାପୁର ଗ୍ରାମରେ ପହଞ୍ଚିବା ପରେ ଶତାଧିକ ମହିଳା ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ସେ ଗ୍ରାମ ପରିକ୍ରମା କରି ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଏହାପରେ ସେ କେଦାରପୁର, ପତାଣ୍ଡ, କୁଶପଡ଼ା ଗ୍ରାମ ପରିକ୍ରମା କରିଥିଲେ। ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ଏମପି ପ୍ରତିନିଧି ନିରୁପମା ପଟ୍ଟନାୟକ, ବିଜେଡି ବ୍ଲକ ସଭାନେତ୍ରୀ ଉମା ମହେଶ୍ୱରୀ ସେଠୀ, ଦିଗପହଣ୍ଡି ନଗର ସଭାନେତ୍ରୀ ଅନୀତା ବେହେରା, ପୂର୍ବତନ ଏନଏସି ଅଧ୍ୟକ୍ଷା ସୁନୀତା ସେଠୀ, ସରସ୍ୱତୀ ଗୌଡ଼, ଗଣେଶ ରେଡ୍ଡୀ, ବାଲାଜୀ ରେଡ୍ଡୀ, ସନ୍ତୋଷ ଦୋରା, କୃଷ୍ଣଚନ୍ଦ୍ର ଦୋରାଙ୍କ ସମେତ ବହୁ ଦଳୀୟ କର୍ମୀମାନେ ନିର୍ବାଚନ ପ୍ରଚାର ସମୟରେ ଉପସ୍ଥିତ ଥିଲେ।

## ବିଜେଡି ସାଂସଦ ଓ ବିଧାୟିକା ପ୍ରାର୍ଥୀଙ୍କ ପ୍ରଚାର

**କବିସୂର୍ଯ୍ୟନଗର, ୧୨।୪(ସମିସ):** କବିସୂର୍ଯ୍ୟନଗର ଖଜାପଲ୍ଲୀସ୍ଥିତ ମନ୍ଦିରରେ ପୂଜାନୀତି ସାରି ଏକ ବିଶାଳ ରାଲିରେ ବିଧାୟିକ ପ୍ରାର୍ଥିନୀ ଲତିକା ପ୍ରଧାନ ଓ ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କୁ ଦଳୀୟ କର୍ମୀ ଆଠଗପାଟଣାସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରସ୍ତୁତ ହୋଇଥିବା ସମ୍ବର୍ଦ୍ଧନା ସଭାସ୍ଥଳକୁ ପାଛୋଟି ଆଣିଥିଲେ। ମା’ ଛିନ୍ନମସ୍ତା ଓ ଜଗନ୍ନାଥ ମନ୍ଦିରରେ ଉଭୟ ପ୍ରାର୍ଥିନୀ ପୂଜା କରିଥିଲେ। ଦୁହିଁଙ୍କୁ କବିସୂର୍ଯ୍ୟନଗର ଏନ୍ଏସି ଓ ୯ଟି ପଞ୍ଚାୟତବାସୀ ସମ୍ବର୍ଦ୍ଧନା ଦେଇଥିଲେ। ଉତ୍ସବରେ କବିସୂର୍ଯ୍ୟନଗର ନଗର ବିଜେଡି ସଭାପତି ଭଗବାନ ସ୍ୱାଇଁ, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରସଲ ଦାସ, ଜିଲ୍ଲା ପରିଷଦ ସନ୍ତୋଷ କୁମାର ପାଢ଼ୀ, କବିସୂର୍ଯ୍ୟନଗର ଏନ୍ଏସି ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ଆଠଗଡ଼ ସରପଞ୍ଚ ପ୍ରତିନିଧି ଆଦିତ୍ୟ କୁମାର ତ୍ରିପାଠୀ, ଜିଲ୍ଲା ଯୁବ ବିଜେଡି ଉପସଭାପତି ସୁନୀଲ କୁମାର ପୋଲାଇ, ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ସୁରଜ ରେଡି, ନଗର ଯୁବ ବିଜେଡି ସଭାପତି ରାଜେନ୍ଦ୍ର ଖଟେଇ, ବଡ଼ମହୁରି ସମିତିସଭ୍ୟ ଟି. ବ୍ରଜେନ୍ଦ୍ର ପ୍ରଧାନ, ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା, ଜରଡ଼ ସମିତି ସଭ୍ୟ ରାଜେଶ କୁମାର ତ୍ରିପାଠୀ, ଗଙ୍ଗାପୁର ସରପଞ୍ଚ ପ୍ରତିନିଧି



କିରଣ କୁମାର ସେଠୀ, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ବାଉଁଶିଆ ସରପଞ୍ଚ ପ୍ରତିନିଧି ଗୌତମ ଦାସ, ଜରଡ଼ ସରପଞ୍ଚ ପ୍ରତିନିଧି ପଦ୍ମଚରଣ ନାହାକ ପ୍ରମୁଖ ଦୁଇ ପ୍ରାର୍ଥିନୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ସୁନୀଲ କୁମାର ପୋଲାଇ ଏହାକୁ ପରିଚାଳନା କରିଥିଲେ। ରସଲ ଦାସ ସଂଯୋଜନା କରିଥିଲେ ଓ ସୁରଜ ରେଡି ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ଶିବିରରୁ ୫୧ ୟୁନିଟ୍ ସଂଗୃହୀତ

**କବିସୂର୍ଯ୍ୟନଗର, ୧୨।୪(ସମିସ):** କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କୁ ଦଳ ଦ୍ୱିତୀୟ ଥର ଲାଗି ପ୍ରାର୍ଥୀ କରିଥିବାବେଳେ ରବିବାର କବିସୂର୍ଯ୍ୟନଗର ପାର୍ଟି କାର୍ଯ୍ୟାଳୟରେ ଜନ୍ମଦିନ ପାଳିଥିଲେ ଶୁଭେଚ୍ଛୁ ଓ ଦଳୀୟକର୍ମୀ। ଏହି ଅବସରରେ କେକ କାଟି, ବାଣ ଫୁଟାଇ ଖୁସି ବନାଇବା ସହ ଦୀର୍ଘାୟୁ କାମନା କରିଥିଲେ। ଜନ୍ମଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ସନ୍ଧ୍ୟାରେ କବିସୂର୍ଯ୍ୟନଗର ବିଜେଡି କାର୍ଯ୍ୟାଳୟଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଲତିକା ପ୍ରଧାନ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଜେଡି ରାଜ୍ୟ ସମ୍ପାଦକ ସୁବାସ ମହାରଣା, ନଗର ବିଜେଡି ସଭାପତି ଭଗବାନ ସ୍ୱାଇଁ, ନିର୍ବାଚନମଣ୍ଡଳୀ ସଭାପତି ରସଲ ଦାସ, ଏନଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠୀ, ଏନଏସି ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ନଗର ବିଜେଡି ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ସୂର୍ଯ୍ୟ ନାରାୟଣ ନାୟକ, ରାକେଶ ପ୍ରଧାନ, ରାଜେନ୍ଦ୍ର ଖଟେଇ, ସୁରଜ ରେଡ଼ି, ବିପିନ ଶତପଥୀ, ଆଦିତ୍ୟ ତ୍ରିପାଠୀ, ସୁନୀଲ ପୋଲାଇ ପ୍ରମୁଖ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।



**ମମତା ଗେଷ୍ଟ ହାଉସ୍‌ରୁ ଗଞ୍ଜେଇ, ବନ୍ଧୁକ ଜବତ ଘଟଣା**

# ୩ ଗଞ୍ଜେଇ ବ୍ୟବସାୟୀ କୋର୍ଟ ଚାଲାଣ

**ବ୍ରହ୍ମପୁର, ୧୨।୪(ସମିସ)**



**● ଫେରାର ଶଙ୍କରକୁ ଖୋଜୁଛି ପୁଲିସ**
**● ସୁନା ବିସ୍କୁଟ ଓ ମାଉଜର୍ କାରବାରରେ ଲିପ୍ତ ମୁଖ୍ୟ ଅଭିଯୁକ୍ତ**

ସ୍ଥାନୀୟ ମମତା ଗେଷ୍ଟ ହାଉସରେ ଗୋଷାଣୀନୂଆଗାଁ ଥାନା ପୁଲିସ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଲଣ୍ଡାଗୁଡି ଗ୍ରାମର ବିବେକ ସେନାପତି (୩୫)। ଅନ୍ୟ ଦୁଇଜଣ ଯୁବକଙ୍କ ପରିଚୟ ସ୍ପଷ୍ଟ ହୋଇପାରିନଥିବା ପୁଲିସ କହିଛି। ଏହି ଘଟଣା ମୁଖ୍ୟ ବ୍ୟବସାୟୀ ହେଉଛନ୍ତି ବିବେକ ସେନାପତି। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୨୨କିଲୋ ୫୮୫ ଗ୍ରାମ ଗଞ୍ଜେଇ, ଗୋଟିଏ ଦେଶୀ ବନ୍ଧୁକ, ଦୁଇ ରାଉଣ୍ଡ ଅଫୁଟା ଗୁଳି, ୨ଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରିଛି। ଅଭିଯୁକ୍ତଙ୍କୁ ଜେରା ବେଳେ ସେମାନେ ଉକ୍ତ ଗଞ୍ଜେଇ ପଶ୍ଚିମବଙ୍ଗର ଶଙ୍କର ଝାଙ୍କ ନିର୍ଦ୍ଦେଶରେ କନ୍ଧମାଳରୁ ଆଣିଥିଲେ। ତାହା ଟ୍ରେନ ଯୋଗେ କୋଲିକତା ଚାଲାଣ ହୋଇଥାନ୍ତା ବୋଲି ପୁଲିସ ଜାଣିବାକୁ ପାଇଛି। ଏହାସହ ଉକ୍ତ ଲଜର ୧୦୨ ନମ୍ବର ରୁମକୁ ବନ୍ଦ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଏହି ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଶଙ୍କର ଝାଙ୍କୁ ଧରିବା ପାଇଁ ଟ୍ରାକିଂ କରୁଛି।

ସୂଚନାଯୋଗ୍ୟ ଯେ, ଗୁରୁବାର ବ୍ରହ୍ମପୁର ଷ୍ଟେସନ ରୋଡ୍‌ରେ ଥିବା କୌଣସି ଏକ ଲଜରେ ସେକ୍ସ ରାକେଟ ଚାଲିଛି ବୋଲି ପୁଲିସ ଖବର ପାଇଥିଲା। ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏକ ପୁଲିସ ଟିମ ସ୍ଥାନୀୟ ଷ୍ଟେସନ ରୋଡ଼ର ବିଭିନ୍ନ ଲଜରେ ଚଢ଼ଉ କରିଥିଲା। ରୁମ ନଂ ୧୦୨ରେ ପୁଲିସକୁ କିଛି ଯୁବକଙ୍କ ପାଟି ଶୁଭିବାରୁ ପୁଲିସ ଉକ୍ତ ରୁମକୁ ଛାଉଣୀ କରିବା ସହ ଚଢଉ କରି ଗଞ୍ଜେଇ ଭର୍ତ୍ତି ଥିବା ବ୍ୟାଗକୁ ଜବତ କରି ୩ ଯୁବକ କାବୁ କରିଥିଲା। ଜବତ ଗଞ୍ଜେଇ ଓଜନ ବେଳେ ତାହା ୨୨କିଲୋ ୫୮୫ ଗ୍ରାମ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଅଭିଯୁକ୍ତଙ୍କୁ ଜେରା ବେଳେ ସେମାନେ ଗଞ୍ଜେଇ ବ୍ୟବସାୟୀରେ ଲିପ୍ତ ରହିଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାସହ ମୁଖ୍ୟ ଅଭିଯୁକ୍ତ ବିବେକ ସେନାପତି ଗଞ୍ଜେଇ, ମାଉଜର, ସୁନା ବିସ୍କୁଟ କାରବାର ସମେତ ସେକ୍ସ ରାକେଟ ଚଳାଉଥିବା ଜଣାପଡ଼ିଛି। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ମାଉଜର ସମେତ ସାମଗ୍ରୀ ଜବତ କରିଥିବା ବୋଲି ଅତିରିକ୍ତ ଏସପି ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଏସଆଇ ଗୌରବ ରଞ୍ଜନ ଦାସ, ଜ୍ଞାନ ରଞ୍ଜନ ସାହୁ, କନେଷ୍ଟବଳ ରାଜେନ୍ଦ୍ର ପ୍ରସାଦ ବେହେରା, ଓପିଏଏଫ ଫିନାଲ ଶବର ଓ ଗୃହରକ୍ଷୀ ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ ସାମିଲ ଥିଲେ।

## ଚିରନିଦ୍ରାରେ ଶତାୟୁ ରାମଚନ୍ଦ୍ର

**କବିସୂର୍ଯ୍ୟନଗର, ୧୨।୪(ସମିସ):** ଶୋକାକୁଳ ପରିବେଶରେ ଗତ ୧୧ ତାରିଖ ସନ୍ଧ୍ୟାରେ ସମସ୍ତଙ୍କୁ କନ୍ଦେଇ ଚାଲିଗଲେ ରାମଚନ୍ଦ୍ର। ୧୦୫ ବର୍ଷରେ ଚିର ନିଦ୍ରାନେଲେ। କବିସୂର୍ଯ୍ୟନଗର ରାଧାକୃଷ୍ଣ



ସାହି ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ବହୁ ଦିନ ହେଲା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇ ଆସୁଥିଲେ। ସେ ଥିଲେ ଜଣେ ସମାଜସେବୀ, ସତ୍ୟ, ନ୍ୟାୟ, ଧର୍ମପରାୟଣ, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି। ଜଣେ ବିଜୁପ୍ରେମୀ ଆଦର୍ଶବାଦୀ ବ୍ୟବସାୟୀ। ସେ ପିତଳ, କଂସା, ରସ, ଷ୍ଟିଲର ବିଭିନ୍ନ ବାସନକୁସନ ତଥା ଘର ସରଞ୍ଜାମ ଜଣେ ନିର୍ବିବାଦୀୟ ବ୍ୟବସାୟୀ। ସମସ୍ତ ଚାରି ପୁଅକୁ ବ୍ୟବସାୟ କ୍ଷେତ୍ରରେ ଗଞ୍ଜାମ କବିସୂର୍ଯ୍ୟନଗରର ନାମ ଟେକ ରଖିଛନ୍ତି। ଚାରି ପୁଅ ମଧ୍ୟରେ ଦେବରାଜ, ବସନ୍ତ, ସ୍ୱର୍ଗତ ପଦ୍ମଲାଭ ଓ ବଂଶୀଧର ଥିଲେ। ଗୁରୁବାର ରାତ୍ର ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ କବିସୂର୍ଯ୍ୟନଗର ବିଧାୟିକା ପ୍ରାର୍ଥିନୀ ଲତିକା ପ୍ରଧାନ, ଆସିକା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଓ ଆସିକା ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ଶୋକ ପ୍ରକାଶ କରିଛନ୍ତି।

## ‘ଆସିଛି ଏକା ଯିବି ମୁଁ ଏକା’ ମଞ୍ଚସ୍ଥ



**ବୁଗୁଡ଼ା, ୧୨।୪(ସମିସ):** ଚଳିତ ବର୍ଷ ପବିତ୍ର ଦଣ୍ଡଯାତ୍ରା ଉପଲକ୍ଷେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଭାମଶ୍ୟାଳି ଗ୍ରାମର ଶଙ୍କର ଉପାସକ ନାଟ୍ୟ ସଂଘ ପକ୍ଷରୁ ପରିବେଷିତ ସୁପରହିଟ୍ ସାମାଜିକ ନାଟକ ‘ଆସିଛି ଏକା ଯିବି ମୁଁ ଏକା’ ଚର୍ଚ୍ଚାର ପରିସରରେ ରହିଛି। ନିର୍ଦ୍ଦେଶକ କାହ୍ନୁଚରଣ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଉକ୍ତ ନାଟକରେ ପୁରୁଷ ଚରିତ୍ରରେ ୧୧ ଜଣ ଓ ନାରୀ ଚରିତ୍ରରେ ୫ଜଣ କଳାକାର ଅଭିନୟ କରୁଛନ୍ତି। ନାଟକର ଅଭିଜ୍ଞ ନାୟକ ଦୁର୍ଲଭ ବିଷୋୟୀଙ୍କ ସମେତ ସମସ୍ତ କଳାକାରଙ୍କ ନିଖୁଣ ଅଭିନୟ ଯୋଗୁଁ ନାଟକଟି କେବଳ ବୁଗୁଡ଼ା ଅଞ୍ଚଳ ଭିତରେ ନୁହେଁ ବାହାରେ ମଧ୍ୟ ଦର୍ଶକଙ୍କ ଦ୍ୱାରା ଖୁବ୍ ଆଦୃତ ହୋଇଛି। ଏଥି ସହ ଚିରିକିପଡ଼ା ଶାସନର ସଞ୍ଜୟ ଚିତ୍ରାଳୟର ଆକର୍ଷଣୀୟ ଆଲୋକସଜ୍ଜା ଓ ରୂପସଜ୍ଜା ଦର୍ଶକଙ୍କୁ ବିମୋହିତ ଏବଂ ଯାଜପୁର ସୁମନ ସଙ୍ଗୀତ ସଂସ୍ଥାର କଳାକାରଙ୍କ ସଙ୍ଗୀତ ପରିବେଷଣ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ପାରିଛି। ବୁଗୁଡା ବ୍ଲକର ଖରିଡା ଗ୍ରାମରେ ଆୟୋଜିତ ପଞ୍ଚୁଦଣ୍ଡରେ ପରିବେଷିତ ହୋଇ ଉକ୍ତ ନାଟକଟି ହଜାର ହଜାର ଦର୍ଶକଙ୍କ ମନକୁ ଛୁଇଁ ଚହଳ ସୃଷ୍ଟି କରିଛି। ଫଳରେ ଭାମଶିଆଳି ଦଣ୍ଡଯାତ୍ରା ନାଟକର ଚାହିଦା ଅହେତୁକ ଭାବେ ବୃଦ୍ଧି ପାଇଥିବା ବେଳେ ନାଟକ ପରିବେଷଣ ସ୍ଥଳରେ ଦର୍ଶକଙ୍କ ଅସମ୍ଭାଳ ଭିଡ ଦେଖିବାକୁ ମିଳୁଛି।

## ଦାରିଙ୍ଗବାଡ଼ିରେ ସୁଦୃଢ଼ ହେଉଛି ବିଜେଡି

# ବିଜେଡିରେ ସାମିଲ ହେଲେ ୭ ପଞ୍ଚାୟତର ୧୩୨ ନେତା

ଦାରିଙ୍ଗବାଡ଼ି,୧୨।୪(ସମିସ)

କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିର୍ବାଚନମଣ୍ଡଳୀ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର କଲ୍ୟାଣ ମଣ୍ଡପରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ୭ ପଞ୍ଚାୟତର ୧୩୨ ଜଣ ନେତା ବିଜେପି ଓ କଂଗ୍ରେସ ଦଳ ଛାଡ଼ି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ବର୍ଷବର୍ଷ ଧରି ବିଜେପି ଓ କଂଗ୍ରେସ ପାଇଁ କାମ କରିଆସୁଥିଲେ ମଧ୍ୟ ଦଳ ସେମାନଙ୍କୁ ଅଣଦେଖା କରିବା ସହ ବିକାଶଧାରାରେ ସାମିଲ ହେବା ପାଇଁ ଏବଂ ଜି.ଉଦୟଗିରି ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନଙ୍କ ଉନ୍ନୟନ କାର୍ଯ୍ୟରେ ସେମାନେ ପ୍ରଭାବିତ ହୋଇ ବିଜେଡିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି।

ଦାରିଙ୍ଗବାଡ଼ି ପଞ୍ଚାୟତ ସରପଞ୍ଚ ଚନ୍ଦ୍ରିକା ମଲ୍ଲିକଙ୍କ ସମେତ ବିଜେପିର ଯୁବ ମୋର୍ଚ୍ଚା ବ୍ଲକ ସଭାପତି ରଞ୍ଜିତ ସେନାପତି, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଲଡୁକିଶୋର ସାହୁ ଏବଂ ରମେଶ ଚନ୍ଦ୍ର ସାହୁ, ଦିଲୀପ ସାହୁ, ପଞ୍ଚାୟତ



ଅଞ୍ଚଳର ବିକାଶ ଦିଗରେ କୌଣସି ଦୃଷ୍ଟି ଦେଉ ନଥିବା ସେମାନେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡ଼ିଶାର ଜନସାଧାରଣଙ୍କ ପ୍ରତି ଭଲପାଇବା ଓ ଓଡ଼ିଶାର ସଭାପତି ଅମରେଶ ସାହୁ, ବାବୁଲି ସାହୁ, ସରୋଜ ସାହୁ ଏଭଳି ୧୩୨ ଜଣ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜି. ଉଦୟଗିରି ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ ଉପସ୍ଥିତ ରହି ନୂତନ ଭାବେ ଦଳରେ ଯୋଗ ଦେଇଥିବା କର୍ମୀ ଓ ନେତାଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, ବିଜେଡି ବ୍ଲକ ସଭାପତି ଜ୍ୟୋତିରାଜ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦିଲୀପ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ଦୀପକ ସାହୁ, ସାଂସଦ ପ୍ରତିନିଧି ଅକ୍ଷୟ ନାୟକ, ଛାତ୍ର ସଭାପତି ରୂପକ ସାହୁ, ଧୀରେନ ପ୍ରଧାନ, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ବିଜେଡିର ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ ସଂଯୋଜନା କରିଥିଲେ। ଏହି ମିଶ୍ରଣ ପର୍ବ ପରେ ଦାରିଙ୍ଗବାଡ଼ି ବ୍ଲକରେ ବିଜେଡି ଅଧିକ ଶକ୍ତିଶାଳୀ ହୋଇଛି।

## ବିଜେଡିରେ ଯୋଗଦେଲେ ବିଜେପି କର୍ମୀ



**ପାରଳାଖେମୁଣ୍ଡି,୧୨।୪(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତର ବହୁ ବିଜେପି ସମର୍ଥକ ବିଜେଡିରେ ସାମିଲ ହୋଇଛନ୍ତି। ପାରଳାଖେମୁଣ୍ଡିସ୍ଥିତ ବିଜେଡି ଜିଲ୍ଲା କାର୍ଯ୍ୟାଳୟରେ ଏନେଇ ଏକ ସ୍ୱତନ୍ତ୍ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଇଂ. ରୂପେଶ ପାଣିଗ୍ରାହୀ, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ ନାୟକ, ପାରଳାଖେମୁଣ୍ଡି ପୌରପାଳିକା ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଏସ୍. ବାଲାରାଜୁ, ବରିଷ୍ଠ ନେତା ବସନ୍ତ ଦାସ, ଗୋଷାଣି ବ୍ଲକ ବିଜେଡି ସଭାପତି ସିଏଚ୍. ଈଶ୍ୱର ରାଓ, କେରାଣ୍ଡି ସରପଞ୍ଚ ଦଣ୍ଡପାଣି ରେଡ୍ଡୀ, ବିଜେଡି ଛାତ୍ର ସଭାପତି ବିଶ୍ୱଜିତ୍ ତ୍ରିପାଠୀଙ୍କ ସହ ବହୁ ନେତା ଉପସ୍ଥିତ ଥିଲେ। ନିର୍ବାଚନ ଆଗକୁ ଥିବା ଏବଂ ଏପରି ବହୁ ସଂଖ୍ୟକ ଯୁବ ଗୋଷ୍ଠୀ ବିଜେଡିରେ ଯୋଗଦାନ କରିଥିବାରୁ ତୃଣମୂଳସ୍ତରରେ ବିଜେଡି ଅଧିକ ମଜଭୁତ ହୋଇଥିବା କୁହାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ଯୁବଗୋଷ୍ଠୀ କହିଛନ୍ତି। ଏହା ସହ ଦଳ ପାଇଁ ଅଧିକ କାମ କରି ଲୋକଙ୍କ ପ୍ରିୟଭାଜନ ହେବୁ ବୋଲି କହିଛନ୍ତି। ଏମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ଉପସ୍ଥିତ ବିଜେଡି ନେତୃବୃନ୍ଦ ସ୍ୱାଗତ କରିଥିଲେ।

## ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



**ପାରଳାଖେମୁଣ୍ଡି,୧୨।୪(ସମିସ):** ପାରଳାଖେମୁଣ୍ଡି ସହରର ରାମସାଗର ରୋଡ ସ୍ଥିତ ୟୁନିୟନ ବ୍ୟାଙ୍କ ନିକଟରେ ଥିବା ଶାନ୍ତିନଗରର ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଗୁରୁବାର ନାବାଳିକା ଜଣକଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ଶ୍ରଦ୍ଧାଞ୍ଜଳି ପାତ୍ର (୧୫) ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ସେ ତାଙ୍କ ସାବତ ବାପା ଏବଂ ନିଜ ମାଙ୍କ ଘରେ ରହୁଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଶୁକ୍ରବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

## ରଟିଙ୍ଗିଆ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମ୍ମିଳନୀ



**ଜି. ଉଦୟଗିରି,୧୨।୪(ସମିସ):** ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଅଧୀନସ୍ଥ ସମସ୍ତ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସପ୍ତମ ମାସିକ ବୈଠକ ରଟିଙ୍ଗିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଚଳିତ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଡ୍ରପ୍ ଆଉଟ ରୋକିବା, ସମସ୍ତ କ୍ଲବ ଗୁଡ଼ିକର ସୁପରିଚାଳନା କରିବା, ଖରା ଛୁଟିରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବା, ୫-ଟି ସ୍କୁଲ ଗୁଡିକର ସଠିକ ଭାବରେ ରକ୍ଷଣାବେକ୍ଷଣ କରାଯିବା ବିଷୟରେ ବସ୍ତୁତ ଆଲୋଚନା ହୋଇଥିଲା। ବୈଠକ ଆରମ୍ଭରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁ ଉପସ୍ଥିତ ସମସ୍ତ ପ୍ରଧାନ ଶିକ୍ଷକ, ଏବିଇଓ, ବିଇଓ ଏବଂ ସମସ୍ତ ସଂଯୋଜକଙ୍କୁ ସ୍ୱଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରିଶେଷରେ ସମସ୍ତ ପ୍ରଧାନ ଶିକ୍ଷକ, ଏବିଇଓ, ବିଇଓ ୫-ଟି ଯୋଜନାରେ ନିର୍ମିତ ଲାଇବ୍ରେରୀ, ବିଜ୍ଞାନଗାର, କମ୍ପ୍ୟୁଟର, ଆଧୁନିକ ଶୌଚାଳୟ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ଶିକ୍ଷକ ମନୋଜ କୁମାର ତ୍ରିପାଠୀ ପରିଚାଳନା କରିଥିଲେ। ବୈଠକ ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛେଳି ଚରାଳିଙ୍କ ଅସ୍ୱାଭାବିକ ମୃତ୍ୟୁ

**ଛେଳିଗଡ଼,୧୨।୪(ସମିସ):** ମୃତ୍ୟୁ କେମିତି ଓ କେତେବେଳେ ଆସିବ କେହି କହିପାରିବେନି। ଘରୁ ଯାଇଥିଲେ ଛେଳି ଚରାଇବାକୁ କିନ୍ତୁ ମୃତଦେହ ଘରକୁ ଫେରିଲା। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲ୍ଲା ରାମଗିରି ଥାନା ଅମେଡା ପଞ୍ଚାୟତ ରାଇଗୁମା ଗ୍ରାମରେ। ମୃତ ବ୍ୟକ୍ତି ଜଣକ ହେଲେ ଯଦୁମଣି ଦଣ୍ଡସେନା(୫୨)। ଯଦୁମଣି ସବୁ ଦିନ ଭଳି ସକାଳୁ ଉଠି ନିତ୍ୟ କର୍ମ ସାରି ଅନ୍ୟ ମାନଙ୍କ ଛେଳି ମନ୍ଦା ନେଇ ଗାଁ ନିକଟରେ ଥିବା ଜଙ୍ଗଲକୁ ଚରାଇବାକୁ ଯାଇଥିଲେ। ଛେଳି ଚରାଇବାକୁ ଯାଇଥିବା ଯଦୁମଣି ଅପରାହ୍ନ ସାଢେ ୧ ଘଣ୍ଟା ସମୟରେ ସେହି ଜଙ୍ଗଲରେ ଆଚେତ ଅବସ୍ଥାରେ ପଡିରହିଥିବା ସ୍ଥାନୀୟ କିଛି ଲୋକ ଦେଖି ତାଙ୍କୁ ଘରକୁ ନେଇ ଆସିଥିଲେ। ଏକ ଅଟୋରେ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେଉଁ କରଣରୁ ସେ ଆଚେତ ଅବସ୍ଥାରେ ପଡ଼ିଥିଲେ ଏବଂ କିପରି ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ରହିଛି। ଏସମ୍ପର୍କରେ ରାମଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ମହାପ୍ରୟାଣ ଗଡି ଯୋଗେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ୪.୨୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ

**ଫିରିଙ୍ଗିଆ,୧୨।୪(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସ ୪ କୁଇଣ୍ଟାଲ ୨୫ କିଲୋ ଗଞ୍ଜେଇ ଜବତ କରିଛି। ଏସମ୍ପର୍କରେ କାହାକୁ ଗିରଫ କରାଯାଇ ପାରି ନଥିବା ପୁଲିସ କହିଛି। ପୁଲିସର ସୂଚନା ଅନୁସାରେ ଗୁରୁବାର କୌଣସି ସୂତ୍ରରୁ ଖବର ପାଇ ପୁଲିସ ଜାଜେସପାଙ୍ଗା ପଞ୍ଚାୟତ ଇରପିପାଙ୍ଗା ଗାଁ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଜଙ୍ଗଲ ଭିତରେ ଚାଲାଣ ପାଇଁ ପ୍ରସ୍ତୁତ କରି ରଖାଯାଇଥିବା ଗଞ୍ଜେଇ ଜବତ କରାଯାଇଥିଲା। କିଛିଦିନ ହେଲା ପୁଲିସର ଗିରଫଦାରୀ ଭୟରେ ଗଞ୍ଜେଇ ଚାଷୀ ନିଜ ଘରେ ଗଞ୍ଜେଇ ସଂରକ୍ଷିତ କରି ରଖୁ ନ ଥିବା ବେଳେ ଗାଁ ପାଖ ଜଙ୍ଗଲ ମାନଙ୍କରେ ଗଞ୍ଜେଇ ଗୁଡିକୁ ପ୍ରସ୍ତୁତ କରି ରଖୁଛନ୍ତି। ତେବେ ଏହି ଘଟଣାରେ ପୁଲିସ ଚଢ଼ଉର ଆଗୁଆ ସୂଚନା ପାଇ ମାଫିଆ ଫେରାର ହୋଇଯାଇଥିବା ଜଣାପଡିଛି। ଏସମ୍ପର୍କରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ନାକା ପଏଣ୍ଟରେ ପୁଲିସର ଯାଞ୍ଚ

**କାଶୀନଗର,୧୨।୪(ସମିସ):** ଗଜପତି ଜିଲ୍ଲା କାଶୀନଗର ପୁଲିସ ବିଭିନ୍ନ ନାକା ପଏଣ୍ଟରେ ଯାଞ୍ଚ ଜାରି ରହିଛି। ଆସନ୍ତା ମାସରେ ହେବାକୁ ଥିବା ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳା ତଥା ମୁକ୍ତ ଓ ଅବାଧ ଭାବେ ପରିଚାଳନା ପାଇଁ ବହୁ ପୂର୍ବରୁ ଏପରି ଯାଞ୍ଚ କରାଯାଉଛି। ନିର୍ବାଚନରେ କିଛି ରାଜନୈତିକ ଦଳ ଆର୍ଥିକ କାରବାର କରିବା ଆଶଙ୍କା ରହିଛି। କିଭଳି ଭାବେ ସେମାନେ ଆର୍ଥିକ କାରବାର ନ କରିବେ ସେଥି ପାଇଁ ଯାତାୟତ କରୁଥିବା ବିଭିନ୍ନ ଯାନବାହାନ ଯାଞ୍ଚ କରାଯାଉଛି। ସେହିପରି ଅବାଧ ମଦ ଚାଲାଣ ଯେପରି ନ ହୁଏ ତାକୁ ରୋକିବା ପାଇଁ ମଧ୍ୟ ଯାହାନବାହାନ ଯାଞ୍ଚକୁ କଡାକଡି କରାଯାଉଥିବା କୁହାଯାଇଛି। କାଶୀନଗର ଥାନା ଅଧିକାରୀ ଗୋବିନ୍ଦ ଗୌଡଙ୍କ ତତ୍ତ୍ୱାବଧାନରେ ହାଡୁଭାଙ୍ଗି ଓ କେ.ସୀତାପୁର ନାକା ପଏଣ୍ଟରେ କଡାକଡି ଭାବେ ଯାନବାହାନ ଯାଞ୍ଚ ସହ ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଧରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। କାଶୀନଗର ବ୍ଲକ ଆନ୍ଧ୍ର ସୀମାନ୍ତରେ ଥିବା ଯୋଗୁଁ ଆନ୍ଧ୍ର ଦେଇ ଓଡ଼ିଶା ତଥା କାଶୀନଗର ବ୍ଲକରେ ଯେପରି କୌଣସି ଅପରାଧ କାର୍ଯ୍ୟକଳାପ ନ ହୁଏ ସେଥିପାଇଁ ପୁଲିସ କଡାକଡି ଭାବେ ପହରା ଦେବା ସହ ଯାଞ୍ଚ କରୁଛି।



## ସହାୟତାର ହାତ ବଢ଼ାଇଲେ ୯୦ ବର୍ଷୀୟ ବୃଦ୍ଧ



**ଫିରିଙ୍ଗିଆ,୧୨।୪(ସମିସ):** ଆଜିବି ମାନବିକତା ବଞ୍ଚିଛ। ଅସହାୟ ପରିବାରକୁ ଜଣେ ୯୦ ବର୍ଷୀୟ ବୃଦ୍ଧ ସହାୟତାର ହାତ ବଢ଼ାଇଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଞ୍ଚାୟତର ବାଡିଗୁଡା ଗାଁରେ ଜଣେ ଯୁବକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଓ ୩ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରିଆ ଥିବା ବେଳେ ତାଙ୍କର ମୃତ୍ୟୁ ପରେ ପରିବାର ଅସହାୟ ଅବସ୍ଥାରେ ଭଙ୍ଗା ଘରେ ୨ ଓଳି ଦୁଇମୁଠା ଖାଇବାକୁ ପାଇବା ମଧ୍ୟ ଅସମ୍ଭବ ହୋଇଥିଲା। ଛୋଟ ଛୋଟ ଛୁଆଙ୍କୁ ନେଇ ପରିବାରରେ ଚଳିବା ତାଙ୍କ ପତ୍ନୀ ପାଇଁ ସତେ ଯେମିତି ଅଭିଶାପ ପାଲଟିଥିଲା। ଏହିନେଇ ଖବର ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ପ୍ରଶାସନ ତରଫରୁ କେବଳ କାଗଜପତ୍ର ମାଗି କାମ ସାରି ଦିଆଯାଇଥିଲା। କୌଣସି ସହାୟତା ମିଳି ନ ଥିଲା। ହେଲେ ସହାୟତାର ହାତ ବଢ଼ାଇଛନ୍ତି ବୃଦ୍ଧ ମଧୁସୂଦନ ପାତ୍ର। ବ୍ରହ୍ମପୁର ବ୍ରହ୍ମାନଗର ସାହିରେ ରହୁଥିବା ମଧୁସୂଦନ ଖବର କାଗଜରେ ବାଡିଗୁଡା ଗାଁରେ ଅସହାୟ ଅବସ୍ଥାରେ ମୃତ ବ୍ୟକ୍ତିଙ୍କ ପତ୍ନୀ ସଇନ୍ଦ୍ରି ଓ ପରିବାର ରହୁଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଅସହାୟ ପରିବାରକୁ ସାହାଯ୍ୟ କରିବାକୁ ମନସ୍ଥ କରିବା ସହ ବ୍ରହ୍ମପୁରରୁ ଫିରିଙ୍ଗିଆ ବ୍ଲକ ଡ଼ିମିରିଗୁଡା ପଞ୍ଚାୟତ ବାଡିଗୁଡା ଗାଁକୁ ନିଜ ଲୁନା ଗାଡିରେ୨୦୪ କିଲୋମିଟର ଦୂର ଅତିକ୍ରମ କରି ଆସିଥିଲେ। ସେ ଅସହାୟ ପରିବାରକୁ ସାହାଯ୍ୟର ହାତ ବଢ଼ାଇ ଦଶ ହଜାର ଟଙ୍କା ପ୍ରଦାନ କରିଥିଲେ। ତେବେ ମଧୁସୂଦନଙ୍କ ନିଜ ଘର ବ୍ରହ୍ମପୁର ସହର ଉପକଣ୍ଠ ଯୋଗିଆପଲ୍ଲୀ ହୋଇଥିବା ବେଳେ ସେ ୨୦ ବର୍ଷ ହେବ ବ୍ରହ୍ମାନଗରରେ ରାଧା କୃଷ୍ଣ ମନ୍ଦିର ନିର୍ମାଣ କରି ରହୁଛନ୍ତି। ସହାୟତା ପରେ ସନ୍ଧ୍ୟାରେ ଫେରିବା ସମ୍ଭବପର ନ ହେବାରୁ ରାତିରେ ଗାଁରେ ରହି ସକାଳେ ପୁଣି ଲୁନାରେ ବ୍ରହ୍ମପୁର ଫେରଥିଲେ। ଏଭଳି ସହାୟତା ପାଇଁ ବାଡିଗୁଡା ଗ୍ରାମବାସୀ ତାଙ୍କୁ ପ୍ରଶଂସା କରିଛନ୍ତି।

## ବିଜେଡି ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କୁ ସମ୍ବର୍ଦ୍ଧନା



**ରା.ଉଦୟଗିରି,୧୨।୪(ସମିସ):** ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ବିଜେଡି ପକ୍ଷରୁ ଶୁକ୍ରବାର ମୋହନା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀ ଗମାଙ୍ଗ ପ୍ରଥମେ ସ୍ଥାନୀୟ ଶିବ ଉଦୟନାଥ ମନ୍ଦିର ଦର୍ଶନ କରିଥିଲେ। ପରେ ଶିବ ମନ୍ଦିରଠାରୁ ସ୍ଥାନୀୟ କଲ୍ୟାଣମଣ୍ଡପକୁ ତାଙ୍କୁ ପାଛୋଟି ନିଆଯିବା ସହ ବିଜେଡି ବ୍ଲକ ସଭାପତି ଭୀମ ପାଇକଙ୍କ ନେତୃତ୍ୱରେ ନିର୍ବାଚନ ରଣନୀତି ସମ୍ପର୍କରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଧାନସଭା ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ ଏବଂ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ଦଳ କିପରି ବିପୁଳ ସଂଖ୍ୟାରେ ବିଜୟୀ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ତାଙ୍କ ଉପରେ ଆସ୍ଥା ପ୍ରକଟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିକେଟ ଦେଇଥିବାରୁ ଶ୍ରୀ ଗମାଙ୍ଗ ଧନ୍ୟବାଦ୍ ଦେବା ସହ ମୋହନା ନିର୍ବାଚନମଣ୍ଡଳୀବାସୀଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଥିଲେ। ପର୍ଯ୍ୟବେକ୍ଷକ ପୃଥିବୀରାଜ ସାହୁ, ପ୍ରଣବ ଲିମା, ବ୍ଲକ ସଭାପତି ଶ୍ରୀ ପାଇକ, ଜିଲ୍ଲା ସଭାପତି ଜଗବନ୍ଧୁ ଦାସ, ଲକ୍ଷ୍ମୀନାରାୟଣ ଶବର, ଜମୁନା ଦଳବେହେରା, ତାରକେଶ୍ୱର ମହାକୁଡ, ରାଜେନ୍ଦ୍ର ରଣସିଂ ନାୟକ, ପୂର୍ବତନ ମୋହନା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସୁସିତା ପରିଡା, ତାପସ ରଇତ, କୁମାରୀ କାର୍ଯ୍ୟୀ, ଡାଳିମ୍ବ ଗମାଙ୍ଗ, ଜାମେସ୍ ରାଇକା, ହାରିହର ଗୌଡ଼, ଅନିଲ କୁମାର ସାବତ, ଦେବରାଜ ସୁବୁଦ୍ଧି, ରେବତୀ କାନ୍ତ ତ୍ରିପାଠୀ, ଅରୁଣ ପ୍ରଧାନ, ଦୀପକ ପାଣି ଓ ସନ୍ତୋଷ ପ୍ରଧାନୀ ଉପସ୍ଥିତ ଥିଲେ।

## ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ଜୋର୍‌ଦାର ପ୍ରଚାର

**ଜି.ଉଦୟଗିରି,୧୨।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଜେଡି ପ୍ରଚାର ଜୋର୍‌ଦାର କରିଛି। ଶୁକ୍ରବାର ସ୍ଥାନୀୟ ଏମଏମସି ହସ୍ପିଟାଲ ପରିସରରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ସଂଖ୍ୟାଲଘୁଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ତାହା ହୃଦୟଙ୍ଗମ କରି ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ଓ ବିଜେଡି ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ, ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଉପାଧ୍ୟକ୍ଷା ଏନ. ଲୁକ, ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ସଭ୍ୟା ଜାଲିନା ପ୍ରିୟ ଦର୍ଶିନୀ, ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ନଗର ସଭାପତି ପି.ସଞ୍ଜୀବ କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ଦଳବେହେରା, ମହମ୍ମଦହୁସେନ, ସାମନ୍ତଦିଗାଲ, ଆମୋଦନାୟକ ପ୍ରମୁଖ ଦଳୀୟ ନେତା ଓ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।



## ବର୍ଷେ ହେଲା ରାସ୍ତା ନିର୍ମାଣ କାମ ସରୁନି

**ବ୍ରାହ୍ମଣୀଗାଁ,୧୨।୪(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ପ୍ରାୟ ଏକ ବର୍ଷ ହେଲା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଅଧାପନ୍ତରିଆ ରହିଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ସ୍ଥାନୀୟ ବଙ୍ଗଡ଼ଦୁଆ ଘାଟି ଠାରୁ ସିପିଏସ ଡ଼ବ୍ଲୁ ଛକ ପର୍ଯ୍ୟନ୍ତ ୩.୫ କି.ମି ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ ଓ ବଜାର ଉଭୟ ପାଶ୍ୱର୍ ଡ୍ରେନ ନିର୍ମାଣ କାର୍ଯ୍ୟ ବର୍ଷେ ହେଲା ଚାଲିଛି। କେବେ ଶେଷ ହେବ ତାହା ଜଣାପଡୁନାହିଁ। ପ୍ରତିଦିନ ଏହି ରାସ୍ତାରେ ଶତାଧିକ ଯାନବାହାନ ଚଳାଚଳ କରୁଥିବା ବେଳେ ପରିବେଶ ଧୂଳିମୟ ହୋଇ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେଉଛି। ସମସ୍ୟା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ଲିଖିତ ଦାବିପତ୍ର ସହ ଗୁରୁବାର ସ୍ଥାନୀୟ ତହସିଲଦାର ଶରତ ଶବରଙ୍କୁ ଭେଟି ଜଣାଇଥିଲେ। ଆଗକୁ ନିର୍ବାଚନ ଥିବାରୁ ଉକ୍ତ ଦାବିପତ୍ରକୁ ସେ ଗ୍ରହଣ କରିବାକୁ ମନା କରିଥିଲେ। ୨୦୨୩ ଏପ୍ରିଲ ମାସରେ ସ୍ଥାନୀୟ ପୁଲିସ ପ୍ରଶାସନ ଓ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ବୈଠକ କରାଯାଇ ତିନିମାସ ମଧ୍ୟରେ ବଜାର ରାସ୍ତା ସମ୍ପ୍ରସାରଣ ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଚୁକ୍ତି ହୋଇଥିଲା। ଏଥିରେ ବଜାରବାସୀ ଆବଶ୍ୟକୀୟ ଜାଗା ଛାଡ଼ିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ବିଡ଼ିଓ ଏବଂ ତହସି ହସିଲଦାରଙ୍କ ଉପସ୍ଥିତିରେ ରାସ୍ତା ମାପ ଚିହ୍ନଟ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ। ଏହାମଧ୍ୟରେ ଏକ ବର୍ଷ ସମ୍ପୂର୍ଣ୍ଣ ବିତି ଯାଇଥିଲେ ସୁଦ୍ଧା କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ସହ ଭୋଟ ବର୍ଜନ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



## ବିଦ୍ୟାଳୟରେ ନାହିଁ ପାନୀୟ ଜଳ ବ୍ୟବସ୍ଥା

# ଜିଲ୍ଲାପାଳଙ୍କୁ ଜଣାଇଲେ ପଞ୍ଚାୟତବାସୀ

ଜି. ଉଦୟଗିରି, ୧୨।୪(ସମିସ)

କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ଲକ କତିଙ୍ଗିଆ ପଞ୍ଚାୟତ ଟିଆଙ୍ଗିଆସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବ୍ୟବହାର ଏବଂ ପିଇବା ନିମନ୍ତେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇନି। ଏହି ବିଦ୍ୟାଳୟରେ ମୋଟ ୧୫୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ଏବଂ ପିଇବା ନିମନ୍ତେ ଗ୍ରାମରେ ଥିବା ଏକ ନଳକୂପ ଉପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଭର କରୁଛନ୍ତି। ବିଦ୍ୟାଳୟ ମଧ୍ୟରେ ଶୌଚାଳୟ ଓ ପରିଶ୍ରାଗାର ନିମନ୍ତେ ପାଣି ଟାଙ୍କି ଅଛି କିନ୍ତୁ ବୋରିଂ ନ ଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁ ନ ଥିବା ଗ୍ରାମବାସୀ ଓ ଅଭିଭାବକ ଅଭିଯୋଗ କରିଛନ୍ତି। ଏବେ ଛାତ୍ରଛାତ୍ରୀ ବାହାରେ ପରିସ୍ରା କରିବାକୁ ବାଧ୍ୟ ହେଉଛନ୍ତି। ପାଣି ସମସ୍ୟା ଯୋଗୁଁ ଛାତ୍ରାବାସରେ ରହୁଥିବା ପିଲାଏ ବାହାର ଚୂଆଁ ଏବଂ ନଦୀକୁ ଗାଧୋଇବାକୁ ଯାଉଛନ୍ତି। ଏ ବିଷୟରେ ଗ୍ରାମବାସୀ ଅନେକ ଥର ବିଭାଗୀୟ ଅଧିକାରୀ ଏବଂ ଜି. ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଣାଇଥିଲେ ବି କୌଣସି ଫଳ ହୋଇନାହିଁ। ଶେଷ ଥର ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟକୁ ଏକ ଅନୁରୋଧପତ୍ର ଲେଖିଛନ୍ତି। ୧୫ ଦିନ ମଧ୍ୟରେ ବିଦ୍ୟାଳୟର ପାନୀୟ ଜଳ ସମସ୍ୟା ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରି ରାଜରାସ୍ତା ଅବରୋଧ କରିବା ସହ ଭୋଟ ବର୍ଜନ କରାଯିବ ବୋଲି ସେଥିରେ ଉଲ୍ଲେଖ କରିଛନ୍ତି।



● ଦଳୀୟ ପ୍ରାର୍ଥୀ ଚୟନକୁ ନେଇ କୁଇ ସମାଜର ଅସନ୍ତୋଷ ଜାରି

# ୧୬ରେ କନ୍ଧମାଳ ବନ୍ଦ ଡାକରା

**ଫୁଲବାଣୀ, ୧୨।୪(ସମିସ):** ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଘୋଷିତ ଦଳୀୟ ପ୍ରାର୍ଥୀଙ୍କୁ ନେଇ କୁଇ ସମାଜର ଅସନ୍ତୋଷ ଜାରି ରହିଛି । କନ୍ଧମାଳର ତିନୋଟି ଯାକ ଆସନ ଆଦିବାସୀଙ୍କ ପାଇଁ ସଂରକ୍ଷିତ ହୋଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ପ୍ରାର୍ଥୀଙ୍କ ସମ୍ପର୍କରେ ସଠିକ ଯାଞ୍ଚ ନ କରି ସେମାନଙ୍କୁ ଦଳୀୟ ଟିକଟ ପ୍ରଦାନ କରୁଥିବା ଅଭିଯୋଗ କରାଯାଇଛି । ଅଭିଯୋଗ ଅନୁସାରେ ବାଲିଗୁଡ଼ାରୁ କଂଗ୍ରେସ ପ୍ରାର୍ଥୀ ସୁରଦା ପ୍ରଧାନ ଆଦିବାସୀ ନୁହନ୍ତି । ତାଙ୍କ ବିରୋଧରେ ଜାଲ ଜାତିଗତ ପ୍ରମାଣପତ୍ର ସଂକ୍ରାନ୍ତୀୟ ଏକ ମାମଲା ୨୦୨୩ ମସିହାରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ନିକଟରେ ବିଚାରାଧୀନ ଥିବା କହିଛି କୁଇ ସମାଜ । ସେହିଭଳି ବାଲିଗୁଡ଼ାର ବିଜେପି ପ୍ରାର୍ଥୀ କଳ୍ପନା କହଁର ଓ ଫୁଲବାଣୀର କଂଗ୍ରେସ ପ୍ରାର୍ଥୀ ପ୍ରତିଭା କହଁର ମଧ୍ୟ ଅଣ ଆଦିବାସୀଙ୍କୁ ବିବାହ କରିଥିବାରୁ ସେମାନଙ୍କୁ ଆଦିବାସୀ ପ୍ରଥା ଅନୁଯାୟୀ ସମାଜରେ ଗ୍ରହଣ କରାଯାଉନାହିଁ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି କୁଇ ସମାଜ କର୍ମକର୍ତ୍ତା । ଏ ନେଇ ରାଜନୈତିକ ଦଳଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ସେମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ତେଣୁ ପ୍ରାର୍ଥୀ ପରିବର୍ତ୍ତନ କରି ଯଦି ପ୍ରକୃତ ଆଦିବାସୀଙ୍କୁ ଦଳୀୟ ଟିକଟ ପ୍ରଦାନ କରା ନ ଯାଏ, ତେବେ କୁଇ ସମାଜ ଆନ୍ଦୋଳନକୁ ଓହ୍ଲାଇବା ସହ ଆସନ୍ତା ୧୬ ତାରିଖରେ କନ୍ଧମାଳ ବନ୍ଦ ରଖାଯିବ ବୋଲି ସମ୍ପାଦକ ଅବନୀ କହଁର କହିଛନ୍ତି । ଏଥିସହ କନ୍ଧମାଳ ଲୋକସଭା ଆସନ ପାଇଁ ବାହାର ଜିଲ୍ଲା ଲୋକଙ୍କୁ ପ୍ରାର୍ଥୀ କରାଯାଉଥିବା ନେଇ ମଧ୍ୟ ବିରୋଧ ପ୍ରକଟ କରିଛି କୁଇ ସମାଜ । ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଯେ କୌଣସି ସ୍ଥାନରୁ ପ୍ରାର୍ଥୀ ଦେବା ପାଇଁ ଦାବି କରାଯାଇଛି । ସ୍ଥାନୀୟ କୁଇ ସମାଜ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ରମାକାନ୍ତ ମଲ୍ଲିକ, କାର୍ଯ୍ୟକାରିଣୀ ସଦସ୍ୟ ମୁକୁନ୍ଦ କହଁର, ଯୁବ ସଭ୍ୟ ଗୋଲୋକ କହଁର, ଅଚ୍ୟୁତ ଜାନୀ, ନାରୀ ସମାଜ ସଭାପତି ସୌଦାମିନୀ କହଁର, କୋଷାଧ୍ୟକ୍ଷ ଭାବୀନ୍ଦ୍ର କହଁର, ଗୀତାଞ୍ଜଳି କହଁର, ସମୀର ଘଟାଲ, ଗୌତମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ପରେ କୁଇ ସମାଜ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା ।



ଅସଦାଚରଣ ସହ ହତ୍ୟା ଉଦ୍ୟମ ମାମଲା

# ପ୍ରମାଣ ଅଭାବରୁ ୧୫ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର, ୧୨।୪(ସମିସ)**

ସ୍ୱତନ୍ତ୍ର ପୋକ୍ସ ଜଜ୍ ପ୍ରଭାତ କୁମାର ରାଜଗୁରୁ ଶୁକ୍ରବାର ଏକେ ହତ୍ୟା ଉଦ୍ୟମ ଓ ଅସଦାଚରଣ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି । ପ୍ରମାଣ ଅଭାବରୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁରୁଷୋତ୍ତମପୁର ଅଞ୍ଚଳର ଟୁକୁନା ବେହେରା ସମେତ ୧୫ ଜଣଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସୂଚନାଯୋଗ୍ୟ ଯେ, ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ରାଜନୈତିକ ଶତ୍ରୁତା ଲାଗି ରହିଥିଲା । ଗତ ୨୦୨୧ ଜୁନ ୧୪ ତାରିଖରେ ଟୁକୁନା ବେହେରା ଓ ତାଙ୍କର ସମର୍ଥକମାନେ ହାତରେ ଖଣ୍ଡା ଓ ଲୁହାଛଡ଼ ଧରି ବିପକ୍ଷ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କ ଘରେ ପଶିଥିଲେ । ତାଙ୍କୁ ଗାଁ ଦାଣ୍ଡକୁ ଟାଣି ଆଣି ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ । ସେଠାରେ ସେମାନେ ଆତଙ୍କରାଜ ଖେଳାଇଥିଲେ । ଏପରିକି ତାଙ୍କର ଦୁଇ ନାବାଳିକା ଝିଅ ପୋଖରୀକୁ ଯାଇଥିବା ବେଳେ ସେଠାରେ ସେମାନଙ୍କୁ ଉକ୍ତ ଯୁବକମାନେ ସର୍ବସାଧାରଣରେ ତାଙ୍କର ମର୍ଯ୍ୟାଦା ହାନି କରିଥିବା ଅଭିଯୋଗ ହୋଇଥିଲା । ଖବର ପାଇ ପୁଲିସ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲା । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଟୁକୁନା ସମେତ ସେମାନଙ୍କ ଅନ୍ୟ ସମର୍ଥକମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସଆଇ ସୁନୀଲ ପ୍ରଧାନ କୋର୍ଟରେ ମୁଖ୍ୟ ଅଭିଯୁକ୍ତ ସମେତ ୧୫ଜଣଙ୍କ ନାମରେ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ପରେ ସେମାନେ ଜାମିନରେ ମୁକୁଳିଥିଲେ । ଉକ୍ତ ମାମଲାର ବିଚାରଣା ବେଳେ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଶୁକ୍ରବର ରାୟ ପ୍ରକାଶ ବେଳେ ଉପରୋକ୍ତ ଅଭିଯୁକ୍ତମାନେ କୋର୍ଟରେ ହାଜର ହୋଇଥିଲେ । ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ସୌରଭ ମୁଦୁଲି ମକଦ୍ଦମା ପରିଚାଳନା କରିଥିଲେ ।

# ଅଶ୍ଳୀଳ ଫଟୋ ଭାଇରାଲ୍ ଧମକ; ଯୁବକ ଗିରଫ

**ବ୍ରହ୍ମପୁର, ୧୨।୪(ସମିସ):** ଜଣେ ବିବାହିତା ମହିଳାଙ୍କୁ ଦୀର୍ଘ ବର୍ଷ ଧରି ହଇରାଣ ହରକତ କରିବା ଓ ଅଶ୍ଳୀଳ ଫଟୋ ଭାଇରାଲ୍ ଧମକ ଦେବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଦିଗପହଣ୍ଡି ପେଣ୍ଡୁରାବାଡିର ଜଗନ୍ନାଥ ପାଢ଼ୀ ଓରଫ ପପି(୩୩) ।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳର ଜୈନିକ ମହିଳାଙ୍କ ସହ ଜଗନ୍ନାଥଙ୍କ ଭଲ ବନ୍ଧୁତା ରହିଥିଲା । ଦୀର୍ଘ ୪ବର୍ଷ ବନ୍ଧୁତା ଭିତରେ ମହିଳା ଓ ଜଗନ୍ନାଥ ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଇ ଫଟୋ ମଧ୍ୟ ଉଠାଇଥିଲେ । ବନ୍ଧୁତାର ସୁଯୋଗ ନେଇ ଜଗନ୍ନାଥ ଉକ୍ତ ମହିଳାଙ୍କୁ ବିଭିନ୍ନ ସମୟରେ ଧମକ ଦେଉଥିଲେ । ଏପରିକି ତାଙ୍କ ପରିବାର ଲୋକଙ୍କୁ ଫୋନ କରି ଧମକ ଦେଉଥିଲେ । ପୂର୍ବରୁ ଏନେଇ ଦିଗପହଣ୍ଡି ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା । ଏହା ପରେ ମଧ୍ୟ ଜଗନ୍ନାଥ ନିଜ କାରନାମା ବନ୍ଦ କରିନଥିଲେ । କିଛି ଦିନ ପୂର୍ବେ ପୁଣି ଥରେ ସମ୍ପର୍କୀୟ ଓ ପରିବାର ଲୋକଙ୍କୁ ଫୋନ କରି ଧମକ ଦେବା ସହ ଫଟୋ ଓ ଭିଡିଓ ଭାଇରାଲ କରିବାର ଧମକ ଦେଇଥିଲେ । ଏନେଇ ମହିଳା ଜଣଙ୍କ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ଜଗନ୍ନାଥଙ୍କୁ ପୁଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ତଥା ଏସଆଇ ଟିକୁନା ସ୍ୱାଇଁଙ୍କଠାରୁ ସୂଚନା ମିଳିଛି ।




ଏ.ସୋହନ୍ ପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ପରିବାରବର୍ଗ ଓ ଜନସାଧାରଣ

# ବାଲିବଜାରରେ ଖୁଲମଖୁଲା ଖୁଡୁଖୁଡ଼ି ଓ ଜୁଆଖେଳ

● ପୁଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

**କୋଟପାଡ଼,୧୨।୪(ସମିସ):** କୋରାପୁଟ ଜିଲ୍ଲାର ଛତିଶଗଡ଼ ସୀମାକୁ ଲାଗିଥିବା କୋଟପାଡ଼ ଥାନା ଅଞ୍ଚଳ ବିଭିନ୍ନ ଗ୍ରାମର ବାଲିବଜାରରେ ଏବେ ଖୋଲାଖୋଲି ଦିନ ଦ୍ୱିପହରରେ ବେଆଇନ ଖୁଡୁଖୁଡ଼ି ଓ ଜୁଆଖେଳ ଚାଲିଥିବା ଅଭିଯୋଗ ହୋଇଛି । ପୁଲିସ ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

କୋଟପାଡ଼ ଥାନା ଅନ୍ତର୍ଗତ ଷୋଡ଼ରଙ୍ଗା, ଶିରିଶି, ବିକ୍ରମପୁର, ନେହୁରପାଲି ଇତ୍ୟାଦି ଗ୍ରାମରେ ବର୍ତ୍ତମାନ ଖୁଡୁଖୁଡ଼ି ଓ ଜୁଆଖେଳ ବେଧଡ଼କ ଭାବେ ଚାଲିଥିବା ନଜରକୁ ଆସିଛି । ଜୁଆଖେଳର ଆୟୋଜକ ବ୍ୟକ୍ତିମାନେ ଗ୍ରାମବାସୀଙ୍କୁ କିଛି ଅର୍ଥ ଲାଳସା ଦେଖାଇ ଏଭଳି ବେଆଇନ କାର୍ଯ୍ୟ କରି ଅଞ୍ଚଳର ଜନସାଧାରଣଙ୍କ କଷ୍ଟ ଅର୍ଜିତ ଟଙ୍କାକୁ ଲୁଣ୍ଠନ କରୁଥିବା ଅଭିଯୋଗ ହୋଇଛି । ଏହାଦ୍ୱାରା ନିରୀହ ଗରିବ, ଖଟିଖିଆ, ମଧ୍ୟବିତ୍ତ ପରିବାରର ଯୁବକ ସର୍ବସ୍ୱାନ୍ତ ହେଉଥିବା ଅଞ୍ଚଳବାସୀ କହିଛନ୍ତି ।

ନିକଟରେ ହେଉଥିବା ନିର୍ବାଚନକୁ ଦୃଷ୍ଟି ଦେଇ ବେଆଇନ ମଦ କାରବାର ଓ ଜୁଆ ଖେଳକୁ ଅତିଶୀଘ୍ର ବନ୍ଦ କରିବା ଦିଗରେ ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଜିଆଇଇଟିରେ ୨୨୯ ୟୁନିଟ୍ ରକ୍ତ ସଂଗ୍ରହ

**ଗୁଣୁପୁର,୧୨।୪(ସମିସ)**




ଶୁକ୍ରବାର ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଏକ ସ୍ୱେଚ୍ଛାକୃତ ଆନ୍ତଃରାଜ୍ୟ ମେଗା ରକ୍ତଦାନ ଶିବିର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୨୨୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଏହି ଶିବିରକୁ ବିଶ୍ୱବିଦ୍ୟାଳୟର କୁଳପତି ଡ. ଏଭିଏନ୍ଏଲ୍ ଶର୍ମା ଯୋଗଦେଇ ଉଦଘାଟନ କରି ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ରାୟଗଡ଼ା ଜିଲ୍ଲା ଗୁଣୁପୁର ରକ୍ତ ଭଣ୍ଡାର ସହ ଗଜପତି, ଗଞ୍ଜାମ ଓ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ରେଡକ୍ରସ ରକ୍ତ ଭଣ୍ଡାରକୁ ରକ୍ତ ପ୍ରେରିତ କରି ରକ୍ତହୀନତା ରୋଗୀମାନଙ୍କୁ ଜୀବନଦାନ କରୁଥିବାରୁ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରକୁ ଜାତୀୟ ସେବା ଯୋଜନାର ଆବାହକ ତଥା କାର୍ଯ୍ୟକ୍ରମ ଅଧିକାରୀ ୟୁନିଟ-୧ ଡ. ପ୍ରେମାଂଶୁ ଶେଖର ରଥ, ୟୁନିଟ-୨ ଘନିଷ୍ଠା ପୃଷ୍ଟି, ବର୍ଷା ଦାସ, ପ୍ରମୋଦ ରଞ୍ଜନ ପଣ୍ଡା, ବାଣୀ ପ୍ରସାଦ ନାୟକ, ଗୋପାଳ କୃଷ୍ଣ ମହନ୍ତ, ଡ. ନିର୍ମଳା ପଟେଲ, ନିହାରିକା ପଟେଲ, ଜୟନ୍ତୀ ଡାଙ୍ଗ, ଡ. ନିଶିତ୍ ଦାସ, କୃଷ୍ଣ ପ୍ରସାଦ ଦାସ, ଜସିଲ ପଟ୍ଟନାୟକ ପ୍ରମୁଖ ଶିବରକୁ ପରିଚାଳନା କରିଥିଲେ । ଗୁଣୁପୁର ରକ୍ତ ଭଣ୍ଡାରରର ଡାକ୍ତର ସୁଜାତା ଦେବୀ, ଟେକ୍ନିସିଆନ ସୁରୁଚି ରାଣୀ ପାତ୍ର, ରାକେଶ କୁମାର ପଣ୍ଡା, ଲୋପିତା ଗମାଙ୍ଗ, ରୋଜି ନାୟକ, ପ୍ରଶାନ୍ତ କୁମାର ଲିମା ପ୍ରମୁଖ ଯୋଗଦେଇ ୭୯ ୟୁନିଟ୍ ଏବଂ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାର ରେଡକ୍ରସ ରକ୍ତ ଭଣ୍ଡାରର ଡାକ୍ତର ଏମ୍ ଶ୍ରୀକାନ୍ତ ଏବଂ ଶ୍ରୀକାକୁଲମ ରେଡକ୍ରସ ଜିଲ୍ଲା ସଂଯୋଜକ ପି. ଚୈତନ୍ୟ କୁମାର ପ୍ରମୁଖ ଯୋଗଦେଇ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀ ଯୋଗଦେଇ ଉତ୍ସାହର ସହ ରକ୍ତଦାନ କରିଥିଲେ । ଏହି ଅବସରରେ ରକ୍ତଦାତାଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା ।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ. ଏନ୍ ଭି ଜଗନାଧା ରାଓ ସମସ୍ତ ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହିଭଳି ମହତ୍ ସେବା କାର୍ଯ୍ୟକୁ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ ।

● ପଞ୍ଜିଲ ଗ୍ରାମରେ ପାନୀୟ ଜଳ ସମସ୍ୟା

# ୬ ମାସ ହେଲା ସୌର ପ୍ରକଳ୍ପ ଅଚଳ; ଶୁଣୁନି ପ୍ରଶାସନ

**ନନ୍ଦପୁର,୧୨।୪(ସମିସ):** ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମ ପଞ୍ଚାୟତ ପଞ୍ଜିଲ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି । ଦୀର୍ଘ ୬ ମାସ ହେବ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବାରୁ ଗ୍ରାମବାସୀଙ୍କୁ ଜଳକଷ୍ଟ ଅତିଷ୍ଠ କରିଛି । ଗ୍ରାମରେ ରହିଥିବା ଦୁଇଟି ନଳକୂଅ ପାନୀୟ ବ୍ୟବହାର ପାଇଁ ଉପଯୋଗୀ ନ ଥିବା ଗ୍ରାମବାସୀ କହିଛନ୍ତି । ଏ ନେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ସ୍ଥାନୀୟ ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଗ୍ରାମବାସୀ ପାନୀୟ ଜଳ ସମସ୍ୟାରୁ ଉଦ୍ଧାର ନେଇ ନିଜସ୍ୱ ଉଦ୍ୟମରେ ଗ୍ରାମଠାରୁ ଅନତି ଦୂରରେ ଏକ କୂଅ ଖନନ କରିବା ପରେ ପାନୀୟ ଜଳ କଷ୍ଟରୁ ଗ୍ରାମବାସୀ ଟିକିଏ ଆଶ୍ୱସ୍ତି ପାଇଛନ୍ତି । ଅଚଳ ସୌରଚାଳିତ ପ୍ରକଳ୍ପକୁ ମରାମତି ପାଇଁ ଗ୍ରାମବାସୀ ଗୁହାରି କଲେ ମରାମତି ବଦଳରେ ସରପଞ୍ଚଙ୍କ ସ୍ୱାମୀ ଗ୍ରାମବାସୀଙ୍କୁ ନାଲି ଆଖି ଦେଖାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଶୀଘ୍ର ଅଚଳ ପ୍ରକଳ୍ପ ମରାମତି କରାଯିବ ବୋଲି ଯନ୍ତ୍ରୀ କହିଛନ୍ତି । ସେପଟେ ମୁଣ୍ଡ ଉପରେ ଗ୍ରୀଷ୍ମ ପ୍ରକୋପ ବଢ଼ିଚାଲିଥିବାବେଳେ ପାନୀୟ ଜଳ ସମସ୍ୟାର ସମାଧାନ ଦିଗରେ କର୍ତ୍ତୃପକ୍ଷଙ୍କ ଉଦାସିନତାକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି । ଗ୍ରାମରେ ମୋଟ ୯୨ଟି ପରିବାର ବସବାସ କରୁଥିବାବେଳେ ଗୋଟିଏ କୂଅର ଜଳ ଉପରେ ଭରସା କରି ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ତେବେ ବେଳ ଥାଉଣୁ ପ୍ରଶାସନ ପଞ୍ଜିଲ ଗ୍ରାମର ଅଚଳ ପାନୀୟ ଜଳ ପ୍ରକଳ୍ପ ମରାମତି କଲେ ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

■ ନିଜସ୍ୱ ଉଦ୍ୟମରେ କୂଅ ଖୋଳି ବ୍ୟବହାର କରୁଛନ୍ତି ଗ୍ରାମବାସୀ



# ସୀମାନ୍ତରେ ଆଇଡି ବୋମା ବିସ୍ଫୋରଣ; ଦୁଇ ଯବାନ ଆହତ

**ମାଲକାନଗିରି,୧୨।୪(ସମିସ)**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ଆଇଡି ବୋମା ବିସ୍ଫୋରଣରେ ଦୁଇଜଣ ଯବାନ ଆହତ ହୋଇଛନ୍ତି । ଆହତ ଯବାନମାନେ ହେଉଛନ୍ତି ଶିବଲାଲ ମାଣ୍ଡାଭି ଏବଂ ମିଥିଲେଶ ମାର୍କମ । ମିଳିଥିବା ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ଗାଙ୍ଗାଲୁର ପୁଲିସ ଷ୍ଟେସନ ଅନ୍ତର୍ଗତ ପେଡିଆ ଜଙ୍ଗଲରେ ମାଓଦମନ ଅଭିଯାନ ନିମନ୍ତେ ଏସଟିଏଫ୍ ଓ ସ୍ଥାନୀୟ ପୁଲିସ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିବାବେଳେ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଏକ ଆଇଡି ବୋମା ବିସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରଣରେ ଦୁଇଜଣ ଏସଟିଏଫ୍ ଯବାନ ଆହତ ହୋଇଥିଲେ । ଆହତ ଯବାନମାନଙ୍କୁ ତୁରନ୍ତ ଅନ୍ୟ ସାଥି ଯବାନମାନେ ଉଦ୍ଧାର କରି ବିଜାପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଉଭୟ ଆହତଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି । ତେବେ ସମ୍ପୃକ୍ତ ଅଞ୍ଚଳରେ ଯବାନଙ୍କ ଦ୍ୱାରା ତଲାସି ଅଭିଯାନକୁ ଆହୁରି ଜୋରଦାର କରାଯାଇଛି ।

# ବିଦ୍ୟାଳୟ ଶ୍ରେଣୀଗୃହର ପୁନରୁଦ୍ଧାର ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ମାଲକାନଗିରି,୧୨।୪(ସମିସ)**



ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୱାର୍ଡ ନମ୍ବର ୧୨ରେ ଥିବା ପ୍ରାଥମିକ ବିଦ୍ୟାଳୟଟି ଦୀର୍ଘ ବର୍ଷ ହେବ ଶୋଚନୀୟ ପରିସ୍ଥିତି ଦେଇ ଗତି କରୁଥିବାବେଳେ ଏହାର ମରାମତି ସହ ଉନ୍ନତିକରଣ ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଅଭିଭାବକ ଓ ସମାଜସେବୀ ।

ମିଳିଥିବା ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟ ୨୦୦୧ ମସିହାରେ ବାଲିମେଳା ନଗରର ୱାର୍ଡ ନମ୍ବର ୧୨ରେ ସ୍ଥାପିତ ହୋଇଥିଲା । ବିଦ୍ୟାଳୟର ୨ଟି ଶ୍ରେଣୀଗୃହରେ ସିମେଣ୍ଟ ଛାତ ଥିଲେ ମଧ୍ୟ ଦୀର୍ଘ ବର୍ଷ ଧରି ଏହାର ରକ୍ଷଣାବେକ୍ଷଣ ଅଭାବରୁ ୨୦୨୦ ମସିହାରୁ ପିଲାଙ୍କ ବସିବା ସ୍ଥାନରେ ବର୍ଷାଦିନେ ପାଣି ଗଳିବା ଆରମ୍ଭ ହୋଇଥିଲା । ଏହି ସମସ୍ୟାକୁ ନେଇ ୨୦୨୧ ଜୁଲାଇ ୨୨ରେ ବିଦ୍ୟାଳୟ କମିଟି ପକ୍ଷରୁ ସିଆରସିସି, ବିଆରସିସି, ଗୋଷ୍ଠୀ ଶିକ୍ଷା ଅଧିକାରୀ, କୋରକୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନକୁ ମଧ୍ୟ ଜଣାଯାଇଥିଲା । ପରବର୍ତ୍ତୀ ସମୟରେ ୨୦୨୨ରେ ଏହି ବିଦ୍ୟାଳୟର ଶ୍ରେଣୀଗୃହ ମରାମତି ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ୨୦୨୨ ଜୁଲାଇ ୨୦ରେ ୭ ଲକ୍ଷ ଟଙ୍କାର ବ୍ୟୟ ବରାଦ ଦେଇଥିଲେ । କିନ୍ତୁ ଅର୍ଥ ବ୍ୟୟବରାଦ ସତ୍ତ୍ୱେ କୌଣସି କାର୍ଯ୍ୟ ହୋଇ ନ ଥିଲା । ଫଳରେ ବିଦ୍ୟାଳୟର ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିଲା । ଯାହାକୁ ନେଇ ୨୦୨୩ରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିକ୍ଷୋଭ କରିବା ପରେ ୭ ଲକ୍ଷ ୭୦ ହଜାର ଟଙ୍କାର ବ୍ୟୟ ବରାଦ ହୋଇ ତୁରନ୍ତ ମରାମତି କରାଯିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରତିଶ୍ରୁତି ପରେ ଏହି ବିକ୍ଷୋଭ ବନ୍ଦ ହୋଇଥିଲା । ତେବେ ଏହା ସତ୍ତ୍ୱେ ୨୦୨୪ ଶିକ୍ଷା ବର୍ଷ ଆରମ୍ଭ ହୋଇଥିବା ସହ ଆଉ କିଛି ଦିନ ପରେ ବର୍ଷା ଆସିବାକୁ ଥିଲେ ସୁଦ୍ଧା ବିଦ୍ୟାଳୟର ମରାମତି କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ଛାତରୁ ପଣି ଗଳି ବିଦ୍ୟାଳୟର ଅବସ୍ଥା ଶୋଚନୀୟ ଯୋଗୁଁ ପିଲାମାନେ ଶ୍ରେଣୀ ଗୃହ ମଧ୍ୟରେ ପଢ଼ିବା ନିମନ୍ତେ ସୁରକ୍ଷିତ ମଣୁ ନାହାନ୍ତି । ଏହାସହ ଛାତ ଉପରେ ପାଣି ନ ଗଳିବା ପାଇଁ ପକାଯାଇଥିବା ପଲିଥିନ୍ ମଧ୍ୟ ନଷ୍ଟ ହୋଇଯାଇଛି । ପିଲାଏ ଅନ୍ୟତ୍ର ପଢ଼ିବା ନିମନ୍ତେ କୌଣସ ବିଶେଷ ସୁବିଧା ନ ଥିବାବେଳେ ବିଦ୍ୟାଳୟର ସୀମା ନିରୂପଣ ନିମନ୍ତେ ପକ୍କା ପ୍ରାଚୀରଟିଏ ମଧ୍ୟ ନାହିଁ । ନିକଟରେ ଖୋଲାସ୍ଥାନ ଥିଲେ ମଧ୍ୟ ତାହା ସମତଳ ନ ଥିବାରୁ ବିଦ୍ୟାଳୟରେ ସମସ୍ତ ଖେଳ ସାମଗ୍ରୀ ଥାଇ ସୁଦ୍ଧା ପିଲାମାନେ ଖେଳକୁଦ କରିପାରୁ ନ ଥିବା ସହ ଉକ୍ତ ଖେଳ ସାମଗ୍ରୀର ବ୍ୟବହାର ହୋଇପାରୁନାହିଁ । ଏଣୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ପାଠପଢ଼ା ଲାଗି ପକ୍କା ଓ ଉତ୍ତମ ଶ୍ରେଣୀ ଗୃହ ସହ ଶାରୀରିକ, ମାନସିକ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ବିଦ୍ୟାଳୟରେ ପକ୍କା ପ୍ରାଚୀର ଓ ନିକଟରେ ସମତଳ ଖେଳ ପଡ଼ିଆ ପ୍ରସ୍ତୁତ ଲାଗି ସ୍ଥାନୀୟ ଅଭିଭାବକ ଓ ସମାଜସେବୀ ରାମକୃଷ୍ଣ ଚୌଧୁରୀ ଏକ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।

# ଆବାସ ଗୃହ ଅସମ୍ପୂର୍ଣ୍ଣ; ତଦନ୍ତରେ ବିଳମ୍ବକୁ ନେଇ ବଢ଼ୁଛି ଅସନ୍ତୋଷ

**କୋଟପାଡ଼,୧୨।୪(ସମିସ)**



କୋଟପାଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ନିର୍ମିତ ଗୃହଗୁଡ଼ିକ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି । ବାରମ୍ବାର ଏନେଇ ଅଭିଯୋଗ ପରେ ବି ତଦନ୍ତରେ ବିଳମ୍ବକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ୭ ମାସରୁ ଅଧିକ ସମୟ ପରେ ବି ଗର୍ତ୍ତଖୋଳାରେ ସୀମିତ ରହିଛି ଗୃହ କାର୍ଯ୍ୟ । ଏନେଇ ବହୁବାର ଅନେକ ଆବାସ ଗୃହ ହିତାଧିକାରୀ କୋଟପାଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି ।

କୋଟପାଡ଼ ବ୍ଲକ୍ ଅନ୍ତର୍ଗତ ମୁର୍ତ୍ତାହାଣ୍ଡି ପଞ୍ଚାୟତର ଜିରାଗାଁ ଓ ବଡ଼ଗୁଡ଼ାର ସାତ ଜଣ ହିତାଧିକାରୀ ତାଙ୍କ ଆବାସ ଗୃହ କାର୍ଯ୍ୟ ନେଇଥିବା ଠିକାଦାର ଟଙ୍କା ନେଇ ଗୃହ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରଖି ପଳାଇଥିବା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ । ତୁଳସା ଦିଆନ, ପଦ୍ମା ପୂଜାରୀ, ଚନ୍ଦ୍ରି ମାଝୀ, ଦେଇ ଭତ୍ରା, ସୁବର୍ଣ୍ଣ ଦିଆନ, ରାଧା ମାଝୀ, ଶାନ୍ତି ମାଝୀ, ଦେବକୀ ଭତ୍ରା, ପାର୍ବତୀ ମାଝୀ, ଲଛମା ସମରଥ, ସୁନାମଣି ନାୟକଙ୍କଠାରୁ ୪୦ ଦିନ ଭିତରେ ସମ୍ପୂର୍ଣ୍ଣ ଆବାସ ଗୃହ ନିର୍ମାଣ କରିଦେବାକୁ ପ୍ରତିଶ୍ରୁତି ଦେଇ ଠିକାଦାର ହିତାଧିକାରୀଙ୍କ ଟଙ୍କା ଉଠାଇ ନେଇ ଗୃହ କାର୍ଯ୍ୟକୁ ଅଧପନ୍ତରିଆ କରି ଚାଲିଯାଇଥିବା ଅଭିଯୋଗ କରିଥିଲେ । ଅନ୍ୟ ପକ୍ଷରେ ନୂତନ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କ ନିଜର ଚାଳଘର ସବୁ ଭଙ୍ଗାଯାଇଥିବା ବେଳେ ବର୍ତ୍ତମାନ ଆବାସ ଗୃହ ସମ୍ପୂର୍ଣ୍ଣ ହୋଇ ନ ଥିବା ଯୋଗୁଁ ହିତାଧିକାରୀଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ହିତାଧିକାରୀମାନେ କହିଛନ୍ତି । ଏ ବିଷୟରେ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ କୋଟପାଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ସେ କୋଟପାଡ଼ରେ ଯୋଗଦେବା ପୂର୍ବର ଏହି ଘଟଣା କହି କଥାକୁ ଏଡ଼ାଇ ଦେଇଛନ୍ତି । ଏ ଦିଗରେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି ।

